## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ହୋଟେଲ ମାଲିକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୭।୬:** ବିଦ୍ୟୁତ୍ ଆଘାତରେ ଜଣେ ହୋଟେଲ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାତକୁଟଣି ଗ୍ରାମର ବାବୁଲା ସାହୁ (୪୨)। ସଦର ଥାନା ପୋଲିସ ସୋମବାର ମୃତଦେହ ଜବତ କରି ନଂ. ୨୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ବାବୁଲା ଗାଁରେ ଏକ ହୋଟେଲ କରିଛନ୍ତି । ରବିବାର ରାତିରେ ଦୋକାନ ବନ୍ଦ କରିବା ବେଳେ ବାହାରପଟେ ଲାଗିଥିବା ଏକ ବଲ୍ବ ପ୍ଲଗରୁ ବାହାର କରୁଥିଲେ। ପ୍ଲଗରୁ ବାହାରିଥିବା ଏକ ତାର ତାଙ୍କ ଦେହରେ ଲାଗିଯିବାରୁ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଛାତ୍ରୀଙ୍କ ବେକରୁ ସୁନାହାର ଝାମ୍ପିନେଲେ

**ବ୍ରହ୍ମପୁର ଅଫିସ,୧୭।୬:** ସହରରେ ଏବେ ଛାତ୍ରୀମାନଙ୍କୁ ଟାର୍ଗେଟ କରି ଲୁଟେରା ଦଳ ସେମାନଙ୍କଠାରୁ ସୁନାହାର ଝାମ୍ପିବାରେ ଲାଗିଛନ୍ତି । ସୋମବାର ଅପରାହ୍ନ ୩ଟା ବେଳେ ସହରର ଜନଗହଳିପୂର୍ଣ୍ଣ ପୂର୍ଣ୍ଣ ସ୍ଥାନ ଖଲ୍ଲିକୋଟ କଲେଜ ଛକରେ ଦୁର୍ବୃତ୍ତମାନେ ଜଣେ ଛାତ୍ରୀଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି । ଫାଷ୍ଟଗେଟ୍ ଗଣପତି ନଗରର କରିସ୍ମା ସାବତ ସ୍କୁଟିରେ କଲେଜ ରାସ୍ତା ଦେଇ କୋଚିଂ ସେଣ୍ଟରକୁ ଯାଉଥିବା ବେଳେ ଏକ ଗାଡ଼ିରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଛାତ୍ରୀ ଜଣକ ଭାରସାମ୍ୟ ହରାଇବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ହାର ଝାମ୍ପି ନେଇଛନ୍ତି । ଛାତ୍ରୀଙ୍କ ଅଭିଯୋଗକ୍ରମେ ନଂ. ୧୨୬/୧୯ରେ ଏକ ମାମଲା ରୁଜୁ ହୋଇଥିବା ଟାଉନ ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି । ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ କହିଛନ୍ତି ।

### ୧୮ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ୍,୧୭।୬:** ପୋଲସରା ଥାନା ମଧୁପଲ୍ଲୀ ଓ କେ.ଶ୍ରଦ୍ଧାପୁର ଗ୍ରାମରେ ରବିବାର ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ପ୍ରମୁଖ ଗ୍ରାମର ଜୁଆଆଡ୍ଡାରେ ଚଢ଼ାଉ କରାଯାଇଛି। ଏଥିରେ ମଧୁପଲ୍ଲୀରୁ ୯ ଜଣ ଓ କେ.ଶ୍ରଦ୍ଧାପୁରରୁ ୯ ଜୁଆଡ଼ିଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୭୧ ହଜାର ୪୨୦ ଟଙ୍କା ସହ ୩ ବାଇକ୍ ଜବତ ହୋଇଛି । ଏ ନେଇ ପୋଲସରା ଥାନାରେ ନଂ. ୧୨୯, ୧୩୦/୧୯ରେ ମାମଲା ରୁଜୁ ହୋଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ମାଡ଼ ଘଟଣା

# ଏମ୍‌କେସିଜିରେ ଜେଡିଏର କାମ ବନ୍ଦ, ରୋଗୀ ହଇରାଣ

ବ୍ରହ୍ମପୁର ଅଫିସ,୧୭।୬

ପଶ୍ଚିମବଙ୍ଗର ଜୁନିୟର ଡ଼ାକ୍ତରଙ୍କୁ ଆକ୍ରମଣ ଘଟଣାର ଆନ୍ଦୋଳନ ଏବେ ବ୍ୟାପିବାରେ ଲାଗିଛି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ମଧ୍ୟ ଜୁନିୟର ଡ଼ାକ୍ତର ଏସୋସିଏଶନ୍ (ଜେଡିଏ) ତରଫରୁ ପଶ୍ଚିମବଙ୍ଗ ଡ଼ାକ୍ତର ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଡ଼ାକ୍ତରଙ୍କୁ ଆକ୍ରମଣର ଦୃଢ଼ ନିନ୍ଦା କରି ସୋମବାର ଜେଡିଏ ତରଫରୁ ଆଉଟ ଡୋରରେ ଚିକିତ୍ସା ବନ୍ଦ ରଖାଯାଇଥିଲା । ଫଳରେ ରୋଗୀସେବା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ସୋମବାର ଏମ୍‌କେସିଜି ମେଡିକାଲରେ ଆଉଟ ଡୋରର ପ୍ରତ୍ୟେକ ବିଭାଗର ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଦ୍ୱାରା ରୋଗୀ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗରେ ଚାଲିଥିବା ଡ଼ାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡ଼ାକ୍ତରଙ୍କ ତରଫରୁ ଗତ ୨ ଦିନ ତଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା। ସୋମବାର ଜେଡିଏ ତରଫରୁ ପୁଣିଥରେ କଳା ବ୍ୟାଜ୍ ପରିଧାନ କରି ମେଡିକାଲ କଲେଜ ସମ୍ମୁଖରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଡ଼ାକ୍ତରଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଏଣୁ ଡ଼ାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଏଥିରେ ଦାବି କରାଯାଇଥିଲା । ଏହା ସହିତ ଆଉଟଡୋରରେ ରୋଗୀସେବାକୁ ମଧ୍ୟ ବନ୍ଦ କରାଯାଇଥିଲା । ଆଉଟଡୋର ବ୍ୟତୀତ କାଜୁଆଲଟି, ଓଟି, ଲେବରରୁମ ସହିତ ଅନ୍ୟ ଜରୁରୀକାଳୀନ ବିଭାଗରେ ରୋଗୀସେବା ବନ୍ଦ କରାଯାଇନାହିଁ। କେବଳ ଆଉଟ ଡୋରକୁ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସୋମବାର ଚିକିତ୍ସା ସେବା ବନ୍ଦ କରାଯାଇଛି ବୋଲି ଜେଡିଏ ସଭାପତି ତୁଷାରକାନ୍ତ ରଥ ସୂଚନା ଦେଇଛନ୍ତି । ସୋମବାର ଅନୁଷ୍ଠିତ ଏହି ବିକ୍ଷୋଭରେ ପ୍ରାୟ ୩ ଶହ ଡାକ୍ତର ସାମିଲ ହୋଇଥିଲେ । ଫଳରେ ରୋଗୀସେବା ବିଶେଷ ମାତ୍ରାରେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା ।



ଆନ୍ଦୋଳନରେ ସାମିଲ ହୋଇଥିବା ଜୁନିୟର ଡ଼ାକ୍ତର ।


ସ୍ନାନ ପୂର୍ଣ୍ଣିମା ଅବସରରେ ବ୍ରହ୍ମପୁର ଗୋସାଇଁନୂଆଗାଁ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜାନନ ବେଶ ।

### ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୭।୬:** ଟ୍ରକ୍ ଧକ୍କାରେ ଗୁରୁତର ଆହତ ଥିବା ଜଣେ ଛାତ୍ରଙ୍କର ଏମ୍‌କେସିଜି ମେଡିକାଲରେ ସୋମବାର ମୃତ୍ୟୁ ଘଟିଛି । ତାଙ୍କ ନାମ ରୋଶନ ବୈଠାରୁ (୧୮)। ଘର ଗଞ୍ଜାମ ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୩୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ରୋଶନ କୌଣସି କାମରେ ରମ୍ଭା ଯାଇ ସେଠାରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗଞ୍ଜାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ■ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ବାପା

ବ୍ରହ୍ମପୁର ଅଫିସ,୧୭।୬

ସଦର ଥାନା ଅନ୍ତର୍ଗତ ଜଗଦଳପୁର ସୂର୍ଯ୍ୟକାନ୍ତ ନଗରରେ ରହୁଥିବା ଜଣେ ନବବଧୂଙ୍କର ସୋମବାର ଭୋର ୫ଟା ବେଳେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି । ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ମୃତା ମହିଳା ଜଣଙ୍କ ଜି.ରବିଙ୍କ ସ୍ତ୍ରୀ ଜି.ରଶ୍ମିତା (୨୧)। ରଶ୍ମିତା ୧ ମାସ ତଳେ ରବିଙ୍କୁ ବିବାହ କରିଥିଲେ ବୋଲି ପୋଲିସ କହିଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ରଶ୍ମିତାଙ୍କ ମୃତଦେହ ପଞ୍ଚନାମା କରିଛି । ନଂ. ୨୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଅନ୍ୟପଟେ ରଶ୍ମିତାଙ୍କୁ ତାଙ୍କ ସ୍ୱାମୀ ରବି ଓ ପରିବାର ଲୋକେ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ବାପା ଜେ. ଶ୍ରୀରାମ ପାତ୍ର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଜି.ରବିଙ୍କୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚୁରା ଚଳାଇଛି। ପ୍ରକାଶ ଯେ, ମେ ୧୬ ତାରିଖରେ ପୁରୁଷୋତ୍ତମପୁର ଥାନା ନୁଣୀଘାଟ ଗ୍ରାମର ଜେ. ଶ୍ରୀରାମ ପାତ୍ରଙ୍କ ଝିଅ ରଶ୍ମିତାଙ୍କୁ ଜି.ରବି ବିବାହ କରିଥିଲେ। ବିବାହ ପରଠାରୁ ମୋ ଝିଅକୁ ରବି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଶେଷରେ ତାଙ୍କୁ ମାରିଦେଲେ ବୋଲି କୋହଭରା କଣ୍ଠରେ ବାପା ଶ୍ରୀରାମ ମେଡିକାଲରେ ଖବରଦାତାଙ୍କୁ କହିଛନ୍ତି। ଅନ୍ୟପଟେ ରଶ୍ମିତାଙ୍କ ସ୍ୱାମୀ ଏହାକୁ ଖଣ୍ଡନ କରି କହିଛନ୍ତି, ରଶ୍ମିତା ବିଷ ପାନ କରି ମରିଛନ୍ତି।

## ■ ଠିକାଦାରଙ୍କ ଘରକୁ ବୋମାମାଡ଼ ଘଟଣା

# ଦୁର୍ଦ୍ଧାନ୍ତ ରାଜିଙ୍କ ସମେତ ୩ ଗିରଫ, ବୋମା ଜବତ

ବ୍ରହ୍ମପୁର ଅଫିସ,୧୭।୬

ବ୍ରହ୍ମପୁର ବଡ଼ବଜାର ପୋଲିସ ଜଣେ ଠିକାଦାରଙ୍କ ଘର ଉପରକୁ ବୋମା ମାଡ଼ କରିବା ଅଭିଯୋଗରେ ଦୁର୍ଦ୍ଧାନ୍ତ ରାଜି ଗୌଡ଼ଙ୍କ ସମେତ ୩ ଜଣଙ୍କୁ ରବିବାର ରାତିରେ ଗିରଫ କରିଛି । ସେମାନେ ହେଲେ ରାଜି ଓରଫ ରାଜେନ୍ଦ୍ର ଗୌଡ଼ (୩୭), ଶକ୍ତି ଦେ ଓରଫ ଦବଲ ଗୌଡ଼ (୨୮) ଓ ଜିତୁ ଓରଫ ଜିତେନ୍ଦ୍ର ଗୌଡ଼ (୧୯)। ପୋଲିସ ରାଜିଙ୍କ ନିକଟରୁ ୨ଟି ବୋମା ଜବତ କରିଛି। ମାମଲା ନଂ. ୧୦୦/୧୯ରେ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି । ରାଜିଙ୍କ ନାଁରେ ହତ୍ୟା,ଡକାୟତି ଭଳି ୮ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଥିବା ପ୍ରଶାନ୍ତ ଭୂପତି କହିଛନ୍ତି।

ପ୍ରକାଶ ଯେ, ପୁରୁଣା ବ୍ରହ୍ମପୁର ଆଇନାବନ୍ଧ ସାହିରେ ଠିକାଦାର କୈଳାସ ଚନ୍ଦ୍ର ଗୌଡ଼ ପରିବାର ସହ ରହୁଛନ୍ତି । ରାଜି ତାଙ୍କୁ ଦାଦାବଟି ମାଗି ଆସୁଥିଲେ। ସେ ଦେବାକୁ ମନାକରି ଦେଇଥିଲେ। ଗତ ୧୩ ତାରିଖ ବିଳମ୍ବିତ ରାତିରେ କୈଳାସଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା । ଘର ଭିତରେ ଶୋଇଥିବା କୈଳାସ ଓ ତାଙ୍କ ପରିବାର ବୋମା ଶବ୍ଦ ଶୁଣି ଭୟଭୀତ ହୋଇ ପଡିଥିଲେ। ପରେ ରାଜି ଠିକାଦାରଙ୍କ ଘରେ ପଶି ତାଙ୍କ ବୃଦ୍ଧା ମା'ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ଠିକାଦାର ଗତ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ରାଜି ଓ ତାଙ୍କ ଅନ୍ୟ ୨ ସହଯୋଗୀଙ୍କୁ ଗିରଫ କରିଥିଲା।


ଗିରଫ ୩ ଅଭିଯୁକ୍ତ ।

# ବିଶ୍ୱ ମରୁଡ଼ି, ମରୁଭୂମି ପ୍ରତିହତ ଦିବସ

ବ୍ରହ୍ମପୁର ଅଫିସ୍,୧୭।୬

ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ବିଶ୍ୱ ମରୁଡ଼ି ଏବଂ ମରୁଭୂମି ପ୍ରତିହତ ଦିବସ ପାଳିତ ହୋଇଯାଇଛି । ଜାତି ସଂଘ ଆହ୍ୱାନ କ୍ରମେ ପ୍ରତି ବର୍ଷ ଜୁନ୍ ୧୭ତାରିଖରେ ଏହି ଦିବସ ପାଳନ କରାଯାଇଥାଏ। ୧୯୯୫ରୁ ଏହା ପାଳିତ ହେଉଛି । ପ୍ରତ୍ୟକ ବର୍ଷ ପୃଥିବୀରୁ ୨୪ବିଲିୟନ୍ ଟନ୍‌ର ଉର୍ବର ମୃର୍ତ୍ତିକା କ୍ଷୟ ହେବା ସହ ୨ ଲକ୍ଷ ମିଲିୟନ୍ ହେକ୍ଟର ମରୁଭୂମିରେ ପରିଣତ ହୋଇଥାଏ। ଜଙ୍ଗଲ ପୋଡ଼ି, ଅତ୍ୟଧିକ ଗରମ, ସମୁଦ୍ର ଲଂଘିବା, ହଠାତ୍ ବନ୍ୟାଜଳ ପ୍ରଭାବ, ଉତ୍ତପ୍ତ ବାୟୁ ପ୍ରବାହ ଭଳି କେତେକ କାରଣ ଯୋଗୁ ମରୁଡ଼ି ତଥା ମରୁଭୂମି ସୃଷ୍ଟି ହୋଇଥାଏ । ବ୍ରହ୍ମପୁର ବନଖଣ୍ଡ ଦ୍ୱାରା ଆୟୋଜିତ ସଭାରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରାଣୀ ବିଜ୍ଞାନୀ ଚନ୍ଦନ ଜାନୀ, ଆର୍ଯ୍ୟଭଟ୍ଟ ନିର୍ଦ୍ଦେଶକ ସୁଧୀର କୁମାର ରାଉତ, ଖଲ୍ଲିକୋଟ ରେଞ୍ଜର୍ ଦିଲ୍ଲୀପ କୁମାର ମାଝୀ, ଦିଗପହଣ୍ଡି ରେଞ୍ଜର୍ ପରମାନନ୍ଦ ପାଣିଗ୍ରାହୀ, ସାମନ୍ତିଆପଲ୍ଲୀ ରେଞ୍ଜର୍ ସିଦ୍ଧାର୍ଥ ଶଙ୍କର ସାହୁ ଓ ବନପାଳ ରୂପକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ପି.ଅରବିନ୍ଦ, ଶିକ୍ଷକନେତା ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗଜପତି ନଗର ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ରହ୍ମପୁର ରେଞ୍ଜର୍ ଏ. ରାଜା ରାଓ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ବହୁ କର୍ମଚାରୀ ଏବଂ ପରିବେଶ ପ୍ରେମୀ ଯୋଗ ଦେଇଥିଲେ । ବନପାଳ କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ସହାୟକ ଦିଗାମ୍ବର ପାତ୍ର ଓ ରାଜୀବ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆଇଟିଆଇ ନିଯୁକ୍ତି ମେଳା : ୩୧୧ ଛାତ୍ରୀଛାତ୍ର ମନୋନୀତ

ବ୍ରହ୍ମପୁର ଅଫିସ,୧୭।୬

ବ୍ରହ୍ମପୁର ସରକାରୀ ଆଇଟିଆଇରେ ସୋମବାର ଗୁଜୁରାଟ ସୁଜୁକି ମୋଟରର୍ସ ପକ୍ଷରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ସମେତ ମାଲକାନଗିରି, ଭବାନୀପାଟଣା, କଳାହାଣ୍ଡି ଓ ରାୟଗଡା ସରକାରୀ ଆଇଟିଆଇର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେଥିମଧ୍ୟରେ ଫିଟର, ଇଲେକ୍ଟ୍ରିସିଆନ, ମେସିନିଷ୍ଟ, ଟର୍ଣ୍ଣର, ପେଣ୍ଟର, ମୋଟର ମେକାନିକ, ୱେଲଡର ପ୍ରଭୃତି ଟ୍ରେଡର ୩୧୧ ଛାତ୍ରୀଛାତ୍ର ପ୍ରାଥମିକସ୍ତରରେ ଚୟନ ହୋଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଅଧ୍ୟୟନ ପୂର୍ବରୁ ନିଯୁକ୍ତି ପାଇବାର ସୁଯୋଗ ପାଇଥିବାରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ଶୁଭେଚ୍ଛା ଜଣାଇଛନ୍ତି । ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ବୁଧବାର କଟକସ୍ଥିତ ଭୋବନାନନ୍ଦ ଇଞ୍ଜିନିୟରିଂ ସ୍କୁଲରେ ହେବାକୁ ଥିବା ଶେଷ ପର୍ଯ୍ୟାୟ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ। ସେଠାରେ ମନୋନୀତ ହେବା ପରେ ଆସନ୍ତା ମାସରେ ଗୁରୁରାଟସ୍ଥିତ ସୁଜୁକି ମୋଟର୍ସରେ ନିଯୁକ୍ତି ପାଇବେ ବୋଲି ଅଧକ୍ଷ ପାଣିଗ୍ରାହୀ ସୂଚାଇଛନ୍ତି ।


ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

# ରେଶମ ନଗରୀରେ ରଜ ମଉଜ ପାଳିତ



ରଜ ମହୋତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥି ।

ବ୍ରହ୍ମପୁର ଅଫିସ୍,୧୭।୬

ତ୍ରୈମାସିକ ମିନି ପତ୍ରିକା 'ଅଳପ ପ୍ରେମ' ଏବଂ ଓଡ଼ିଶା ଲେଖିକା ସଂସଦ ବ୍ରହ୍ମପୁର ଶାଖା ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ କଲ୍ୟାଣମଣ୍ଡପରେ ରବିବାର ରାତିରେ ରଜ ମଉଜ-୨୦୧୯ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ତଥା ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ଡା. ଏନ୍. ତିରୁପତି ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘୋଷିକା ସୁଦୀପ୍ତା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଅଳପ ପ୍ରେମ' ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ସାହିତ୍ୟ ସଂସଦ ଆବାହିକା ସ୍ୱର୍ଣ୍ଣପ୍ରଭା ପାଢୀଙ୍କ ଗଳ୍ପ ବହି 'କଥା କଥାରେ'କୁ କବି ବିଘ୍ନ ନାୟକ ଲୋକାର୍ପଣ କରିଥିବା ବେଳେ ନାଟ୍ୟକାର ନଳିନୀକାନ୍ତ ଗୌଡ଼ଙ୍କ ରଚିତ ନାଟକ 'ଚକାଭଉଁରି'କୁ ଅତିଥି ମେଜର୍ ରମାରମଣ ପାଢୀ ଲୋକାର୍ପଣ କରିଥିଲେ। ଲେଖିକା ଅମୀୟବାଳା ପଟ୍ଟନାୟକ ଏବଂ ରାଜ କିଶୋର ଦାସ ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ । ଡ. କୁଳମଣି ଓଝା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦିଲ୍ଲୀପ କୁମାର ଚୌଧୁରୀ, ସୁଦାମ ପାଣିଗ୍ରାହୀ, ଡା. ଚନ୍ଦ୍ରମଣି ସ୍ୱାଇଁ, କାହ୍ନୁଚରଣ ସାହୁ, ମନୋଜ କୁମାର ସାହୁ, ଭାରତୀ ପାତ୍ର, ଅନିତା ଯାଦବ, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ଭାଗ୍ୟଲକ୍ଷ୍ମୀ ମହାରଣା, ଅଞ୍ଜଳି ଦାଶ ଓ ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ । ସନ୍ମହିତା ସାହୁଙ୍କୁ ରଜ କୁଇନ୍ ଏବଂ ଏନ୍. ବିକାଶ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରୀତିନନ୍ଦା ପଟ୍ଟନାୟକ, ସୁଧାଞ୍ଜଳୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ସୁଦୀପ ସାହୁ ଓ ସୁଚେତା ପାଣିଗ୍ରାହୀ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ଶେଷରେ ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ପିଠା, ମିଠା ଓ ରଜପାନର ମଜା ସମସ୍ତେ ନେଇଥିଲେ ।

## ■ ୟୁକ୍ରେନରେ ଏମ୍‌ବିବିଏସ୍ ଶିକ୍ଷା ସୁଯୋଗ

# ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ କରୁଛି ଗ୍ଲୋବାଲ୍ ଫୋକସ୍

ବ୍ରହ୍ମପୁର ଅଫିସ,୧୭।୬

ଡାକ୍ତର ହେବା ନେଇ ଅନେକେ ଛୋଟ ବେଳୁ ସ୍ୱପ୍ନ ଦେଖିଥାନ୍ତି । ରାଜ୍ୟର ସରକାରୀ କଲେଜରେ କମ୍ ସଂଖ୍ୟକ ସିଟ ଏବଂ ରାଜ୍ୟ ତଥା ଅନ୍ୟରାଜ୍ୟରେ ବ୍ୟୟ ବହୁଳ ହେତୁ ଅନେକଙ୍କ ଡାକ୍ତର ହେବା ସ୍ୱପ୍ନ ହୋଇ ରହିଯାଏ । ଏଭଳି ସ୍ଥିତିରେ ରାଜ୍ୟ ତଥା ଦେଶର ଛାତ୍ରୀଛାତ୍ରଙ୍କୁ ଡାକ୍ତରୀ ସ୍ୱପ୍ନ ସାକାର କରିବାକୁ ଆଗେଇ ଆସିଛି ଗ୍ଲୋବାଲ ଫୋକସ୍ ଏଜୁକେଶନ ଅନୁଷ୍ଠାନ । ଦୀର୍ଘ ୭ ବର୍ଷ ଧରି ଏହି ଅନୁଷ୍ଠାନ ମଧ୍ୟବିତ୍ତ ତଥା ଡାକ୍ତର ଭାବେ ନିଜର ଭବିଷ୍ୟତ ଗଠନ କରିବାକୁ ଚାହୁଁଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ପୂରଣ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ଦେଶରେ ନୁହେଁ ବରଂ ୟୁରୋପିଆନ ଦେଶ ୟୁକ୍ରେନ୍‌ରେ ଛାତ୍ରୀଛାତ୍ରଙ୍କୁ ଏମ୍‌ବିବିଏସ୍ ଡ଼ିଗ୍ରୀ ତଥା ମେଡ଼ିକାଲ୍ ଶିକ୍ଷା ହାସଲ କରିବାର ସୁଯୋଗ ସୃଷ୍ଟି କରିଆସୁଛି । ଯାହା ରାଜ୍ୟ ତଥା ଦେଶର ରହିଥିବା ସରକାରୀ ମେଡ଼ିକାଲ କଲେଜ ଗୁଡ଼ିକରେ କମ ସିଟ୍ ଏବଂ ବ୍ୟୟବହୁଳ ମେଡ଼ିକାଲ୍ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଚିନ୍ତାକୁ ଦୂରେଇ ପାରିଛି । ରବିବାର ଗୋଇଲୁଣ୍ଡି ନିକଟସ୍ଥ ଅନୁଷ୍ଠାନର ବ୍ରହ୍ମପୁର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ଡି ଅବଦୁଲ ଜାହିର ଏହା କହିଛନ୍ତି। ଏହି ଅନୁଷ୍ଠାନ ପକ୍ଷରୁ ପ୍ରତି ବର୍ଷ ଦୁଇଟି ପର୍ଯ୍ୟାୟରେ ୟୁକ୍ରେନରେ ଡାକ୍ତରୀ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ନାମଲେଖା ପ୍ରକ୍ରିୟା କରାଯାଇଥାଏ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ୟୁକ୍ରେନର ନ୍ୟାଶନାଲ ମେଡ଼ିକାଲ ୟୁନିଭର୍ସିଟି ସମେତ ଅନ୍ୟାନ୍ୟ ଜାତୀୟସ୍ତରର ମେଡ଼ିକାଲ ପ୍ରତିଷ୍ଠାନ ଗୁଡିକରେ ଡ଼ାକ୍ତରୀ ଶିକ୍ଷା ଗ୍ରହଣ ସୁଯୋଗ ପାଇପାରୁଛନ୍ତି । ଏଥିପାଇଁ ୟୁକ୍ରେନର ସରକାରୀ ୟୁନିଭରସିଟି ଏବଂ ଖାରକିବ ୟୁନିଭରସିଟି ଭଳି ଅନ୍ୟ ପ୍ରତିଷ୍ଠାନ ସହ ଗ୍ଲୋବାଲ ଫୋକସ୍ ସହ ଭାଗିତାରେ ସାମିଲ ହୋଇଛି। ଛାତ୍ରୀଛାତ୍ର ସେଠାରେ କିଭଳି ଭଲଭାବେ ରହି ପାଠ ପଢ଼ିପାରିବେ, ସେଥିପାଇଁ ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି । ସେଠାରେ ଶିକ୍ଷା ଗ୍ରହଣ ସହ ରହିବା, ଭାରତୀୟ ଖାଦ୍ୟ ପେୟର ବ୍ୟବସ୍ଥା ପ୍ରତି ମଧ୍ୟ ଅନୁଷ୍ଠାନ ଧ୍ୟାନ ଦେଉଛି । ଏପରିକି ଓଡିଶା ଓ ଭାରତୀୟ ସଂସ୍କୃତିକୁ ବଜାୟ ରଖିବା ସହ ସମସ୍ତ ଭାରତୀୟ ଏବଂ ଓଡିଆ ପରମ୍ପରା, ପର୍ବପର୍ବାଣି ସମ୍ପର୍କରେ ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଉଛି । ୟୁକ୍ରେନ୍‌ର ଏହି ମେଡ଼ିକାଲ ପ୍ରତିଷ୍ଠାନଗୁଡ଼ିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡ଼ବ୍ଲ୍ୟୁଏଚ୍‌ଓ) ଏବଂ ମେଡ଼ିକାଲ୍ କାଉନ୍‌ସିଲ ଅଫ ଇଣ୍ଡିଆ (ଏମ୍‌ସିଆଇ) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବୋଲି ଜାହିର କହିଥିଲେ। ତେବେ ଏଥିପାଇଁ ଛାତ୍ରୀଛାତ୍ର ନିଟ୍‌ରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ । ଏଥିରେ ଅଧ୍ୟୟନ ସୁଯୋଗ ପାଇଁ ଜେନେରାଲରେ ୧୩୪ ଏବଂ ଅନୁସୂଚିତଜାତି ଛାତ୍ରୀଛାତ୍ରମାନେ ଅନ୍ୟୂନ ୧୦୭ ର୍ୟାଙ୍କ ହାସଲ କରିବାର ଆବଶ୍ୟକତା ରହିଛି । ବର୍ତ୍ତମାନ ସାରା ଦେଶରେ ୬୦୦୦ରୁ ଊର୍ଦ୍ଧ୍ୱ ଏବଂ କେବଳ ଓଡ଼ିଶାରୁ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୟୁକ୍ରେନର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଏଥିପାଇଁ ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ ସୂଚାଇଛନ୍ତି । ସେ ଆହୁରି କହିଛନ୍ତି, ରାଜ୍ୟରେ ମାତ୍ର ୧୧୦୦ ମେଡ଼ିକାଲ ସିଟ୍ ରହିଥିବା ବେଳେ ୫୦୦୦୦ ଛାତ୍ରଛାତ୍ରୀ ମେଡ଼ିକାଲ ପଢ଼ିବାଲାଗି ପ୍ରବେଶିକା ପରୀକ୍ଷା ଦେଉଛନ୍ତି। ଘରୋଇ ମେଡ଼ିକାଲ କଲେଜଗୁଡ଼ିକ ତୁଳନାରେ ୟୁକ୍ରେନ୍‌ରେ ଡ଼ାକ୍ତରୀ ପଢ଼ିବା ପାଇଁ ଏକ ବିକଳ୍ପ ରହିଛି।

**୭ ବର୍ଷରେ ପୂରଣ ହୋଇଛି ୨୩ ଜଣଙ୍କ ଡାକ୍ତରୀ ସ୍ୱପ୍ନ**


ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ଏମ୍‌ଡି ଅବଦୁଲ ଜାହିର୍ ।

## ସଂକ୍ଷେପରେ

### ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ୧୯ରେ

**ଛତ୍ରପୁର,୧୭।୬(ଡି.ଏନ.ଏ):** ଗଞ୍ଜାମ ଜିଲାର ୧୦୪ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନେଇ ଆସନ୍ତା ୧୯ ତାରିଖରେ ମକ୍‌ଡ୍ରିଲ୍ କରାଯିବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଅଧକ୍ଷତା କରିଥିଲେ। ମକ୍‌ଡ୍ରିଲ୍‌ରେ ବାତ୍ୟା ଆଶ୍ରୟ ପରିଚାଳନା କମିଟି, ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀ, ବିଜୁ ଯୁବ ବାହିନୀର ସଦସ୍ୟ, ଏନଜିଓ, ଆଶା, ଅଙ୍ଗନୱାଡି କର୍ମୀ, ଏନ୍‌ସିସି, ନେହେରୁ ଯୁବ କେନ୍ଦ୍ର, ସିଭିଲ ସୋସାଇଟି ଓ ଏସ୍‌ଏଚଜିର ସଦସ୍ୟାମାନେ ସାମିଲ ହେବେ । ପ୍ରତି ଆଶ୍ରୟସ୍ଥଳୀର କମିଟିକୁ ଏଥିପାଇଁ ୭ ହଜାର ଟଙ୍କା ଦିଆଯାଉଛି । ମଙ୍ଗଳବାର ଏ ନେଇ ପ୍ରତି ବ୍ଲକରେ ପ୍ରସ୍ତୁତି ବୈଠକ ହେବ। ବିପର୍ଯ୍ୟୟ ବେଳେ କିଭଳି ଏହାର ମୁକାବିଲା କରାଯିବ ସେ ନେଇ ଲୋକଙ୍କୁ ସଚେତନ କରିବା ଉକ୍ତ ମକ୍‌ଡ୍ରିଲ୍‌ର ଲକ୍ଷ୍ୟ । ଓସଡମାର ଜେନେରାଲ ମ୍ୟାନେଜର ଡ. ପି କେ ନାୟକ ମକ୍‌ଡ୍ରିଲ୍‌ର ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଆସିବେ ବୋଲି ସୂଚନା ଦିଆଯାଇଛି । ପ୍ରସ୍ତୁତି ବୈଠକରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲା ଜରୁରିକାଳୀନ ଅଧିକାରୀ ଦେବରାଜ ପାତ୍ର, ଜିଲା ପ୍ରକଳ୍ପ ସଂଯୋଜକ ପ୍ରଭୁ ପ୍ରସାଦ ମହାରଣା, ଓଡ୍ରାଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀଙ୍କ ସମେତ ବିଡିଓ, ତହସିଲଦାର, ସରପଞ୍ଚ ତଥା ଆଶ୍ରୟସ୍ଥଳୀଗୁଡିକର ସଭାପତି, ସମ୍ପାଦକ, ବିଜୁ ଯୁବବାହିନୀ ସଂଯୋଜକ, ଏନଜିଓ ପ୍ରତିନିଧି ଉପସ୍ଥିତ ଥିଲେ ।

### ଶପଥ ନେଲେ ଆସିକା ଏମ୍‌ପି

**ଆସିକା,୧୭।୬(ଡି.ଏନ୍.ଏ):** ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ସୋମବାର ସନ୍ଧ୍ୟାରେ ଲୋକ ସଭାରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସନ୍ଧ୍ୟା ୬ଟାରେ ଏମ୍‌ପି ଓଡ଼ିଆ ଭାଷାରେ ତାଙ୍କର ଶପଥ ପାଠ କରିଥିଲେ। ଲୋକ ସଭା ଅଧିବେଶନରେ ଯୋଗ ଦେବା ଲାଗି ଏମ୍‌ପି ତାଙ୍କର ଦୁଇ ନାତି ଏବଂ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ ଓ ସୁରଥ ବିଷୋୟୀଙ୍କ ସହ ରବିବାର ଦିଲ୍ଲୀରେ ପହଞ୍ଚିଥିବା ବ୍ୟକ୍ତିଗତ ସହାୟକ ବିଷୋୟୀ କହିଛନ୍ତି।

### ଦୁଇଟି ମାମଲାରେ ୨ କୋର୍ଟଚାଲାଣ

**ଗୋପାଳପୁର,୧୭।୬:** ପୂର୍ବ ଘଟଣାକୁ କେନ୍ଦ୍ରକରି ମହିଳାଙ୍କୁ କମେଣ୍ଟ ସହ ଟଣାଓଟରା କରିବା ଓ ପାଲଟା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ୨ ଜଣଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୂଆ ଜୁଗୁଡ଼ି ଗାଁର ଅଜୟ ଦାସ ଓ ବୃନ୍ଦାବନ ଦାସ। ଏ ନେଇ ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଉକ୍ତ ଥାନା ନୂଆ ଜୁଗୁଡ଼ିରେ ପୂର୍ବ ଘଟଣାକୁ କେନ୍ଦ୍ରକରି ଶନିବାର ସକାଳ ପ୍ରାୟ ୬ଟାରେ ଜଣେ ମହିଳା ତାଙ୍କ ଘର ବାରିପଟେ କୌଣସି କାମ କରୁଥିବା ବେଳେ ଅଜୟ ତାଙ୍କୁ କମେଣ୍ଟ ମାରି ଟଣାଓଟରା କରିଥିଲେ। ଏ ନେଇ ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୧୫୪/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। କିଛି ସମୟ ପରେ ଏହି ଘଟଣାକୁ ନେଇ ବୃନ୍ଦାବନ ଅଜୟଙ୍କ ବାରିପଟେ ଅଇଁଠା ପକାଇବାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିପାଇଁ ଅଜୟଙ୍କ ମା' ସବିତା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୫୫/୧୯ରେ ମାମଲା ରୁଜୁ କରି ପୋଲିସ ରବିବାର ଉଭୟ ଅଜୟ ଓ ବୃନ୍ଦାବନଙ୍କୁ ଗିରଫ କରିଛି।

### ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

**ବାଲିଗୁଡା,୧୭।୬(ଡି.ଏନ୍.ଏ):** ବାଲିଗୁଡା ପାଟଖଣ୍ଡା ସାହିରେ ସୋମବାର ବିଦ୍ୟୁତ୍ ଆଘାତର ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କ.ନୁଆଗାଁ ବ୍ଲକ ସାଇନପଡା ଅଞ୍ଚଳର ଜନ୍ମଧର ପ୍ରଧାନ। ଜନ୍ମଧର ଉକ୍ତ ସାହିର ଏକ ବିଦ୍ୟୁତ୍ ଟ୍ରାନ୍ସଫରମର ଉପରେ ଚଢ଼ି କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସୁପରଭାଇଜର ଓ ସାହି ଲୋକଙ୍କ ସହାୟତରେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏକ ଠିକା ସଂସ୍ଥା ଦ୍ୱାରା ଜନ୍ମଧର ଉକ୍ତ କାର୍ଯ୍ୟରେ ନିୟୋଜିତ ହୋଇଥିବା ଜଣାପଡିଛି ।

■ ବ୍ରହ୍ମପୁର ଆଇଟିଆଇ କ୍ୟାମ୍ପସ୍‌ରେ ଚାଲିଛି ଆଇଜର

# ୨୦୦ ଏକର ଜମିରେ ହେବ ସ୍ଥାୟୀ କ୍ୟାମ୍ପସ୍

■ଅସ୍ଥାୟୀ କ୍ୟାମ୍ପସ୍‌କୁ ଆଉ ଅଧିକ ଫ୍ଲୋର୍, ପାଣି ଦେବାକୁ ଅନୁରୋଧ

■ଆଲୋଚନା ବୈଠକ କଲେ ଜିଲାପାଳ

**ଛତ୍ରପୁର,୧୭।୬(ଡି.ଏନ.ଏ.)**


ବୈଠକରେ ଆଲୋଚନା ଚାଲିଛି।

ବ୍ରହ୍ମପୁର ସରକାରୀ ଆଇଟିଆଇ କୋଠାରେ ଅସ୍ଥାୟୀ ଭାବେ ଆଇଜର (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ)ର ଟ୍ରାନଜିଟ୍ କ୍ୟାମ୍ପସ ଚାଲିଛି । ଏଠାରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ୨୦୧୬ରେ ଏଠାରେ ଆଇଜର ଖୋଲିଥିଲା । ସ୍ଥାୟୀ କ୍ୟାମ୍ପସ ପାଇଁ କନିଷ୍ଠି ତହସିଲ ଅଧୀନ ଗୋପାଲପୁର ନିକଟ ଲାଉଡିଗାଁଠାରେ ଚିହ୍ନଟ ୨୦୦ ଏକର ଜମି ଓଡିଶା ସରକାରଙ୍କ ପକ୍ଷରୁ ଆଇଜରକୁ ପ୍ରଦାନ କରାଯାଇଛି । ବ୍ରହ୍ମପୁର ସରକାରୀ ଆଇଟିଆଇରେ ଚାଲିଥିବା ଆଇଜର ପାଇଁ କେତେକ ସମସ୍ୟା ଥିବା ନେଇ ଗଞ୍ଜାମ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ବୈଠକ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ହୋଇଥିଲା। ଆଇଜର କର୍ତ୍ତୃପକ୍ଷଙ୍କ ପକ୍ଷରୁ କେତେକ ସମସ୍ୟା ଓ ପ୍ରସ୍ତାବ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବର୍ତ୍ତମାନ ଆଇଜରର ଅସ୍ଥାୟୀ କ୍ୟାମ୍ପସ୍ ବ୍ରହ୍ମପୁର ଆଇଟିଆଇର ଏକ କୋଠାର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଫ୍ଲୋରରେ ଚାଲିଛି ଏବଂ ସେଠାରେ ପାଠ ପଢାଯାଉଛି । ପାଠପଢା ପାଇଁ ଏହା ପର୍ଯ୍ୟାପ୍ତ ନ ଥିବାରୁ ଗ୍ରାଉଣ୍ଡ ଓ ପ୍ରଥମ ଫ୍ଲୋର ମଧ ଆବଶ୍ୟକ ପଡୁଛି । ଗ୍ରାଉଣ୍ଡ ଓ ପ୍ରଥମ ଫ୍ଲୋରରେ ସରକାରୀ ଆଇଟିଆଇ ଚାଲିଛି । ଏହି ଦୁଇ ଫ୍ଲୋର ଦେବା ପାଇଁ ଆଇଜର ପକ୍ଷରୁ ଆଇଟିଆଇକୁ କୁହାଯାଇଥିଲା। ଆଇଟିଆଇ କ୍ୟାମ୍ପସ୍‌ରେ ଆଉ ଏକ ନୂତନ କୋଠା ନିର୍ମାଣ ହୋଇସାରିଛି। ଉକ୍ତ ନୂତନ କୋଠାକୁ ଏହି ଦୁଇଟି ଫ୍ଲୋରରୁ ଆଇଟିଆଇକୁ ସ୍ଥାନାନ୍ତର କରାଯିବ । ତେବେ ସେଠାରେ ଥିବା ଆଇଟିଆଇର ବିଭିନ୍ନ ମେଶିନ୍, ଭିତ୍ତିଭୂମି ଆଦି ନୂତନ କୋଠାକୁ ସ୍ଥାନାନ୍ତର କରିବା ପାଇଁ ୯୫ ଲକ୍ଷ ଟଙ୍କା ଦେବାକୁ ଆଇଜରକୁ କୁହାଯାଇଥିଲା । ତେବେ ୬୫ ଲକ୍ଷ ଟଙ୍କା ଆଇଟିଆଇକୁ ଦେବା ପାଇଁ ଆଇଜର ରାଜି ହୋଇଥିବା ଜଣାପଡିଛି । ଏହା ଉପରେ ଖୁବ୍ ଶୀଘ୍ର ଚୂଡାନ୍ତ ନିଷ୍ପତ୍ତି ନିଆଯିବ । ଅନ୍ୟପକ୍ଷରେ ଅସ୍ଥାୟୀ ଆଇଜର କ୍ୟାମ୍ପସ୍ ପାଇଁ ଦୈନିକ ୨୫ ହଜାର ଲିଟର ପାଣି ଆବଶ୍ୟକ ପଡୁଛି। ବିଭିନ୍ନ ଲ୍ୟାବ୍‌ରେ ରିସର୍ଚ୍ଚ ହେଉଥିବାରୁ ମିଳୁଥିବା ପାଣି ପର୍ଯ୍ୟାପ୍ତ ହେଉ ନ ଥିବା ବୈଠକରେ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା । ଏହା ଉପରେ ପଦକ୍ଷେପ ନେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୦୦ ଏକର ଜମିରେ ନିର୍ମାଣ ହେବାକୁ ଥିବା ନୂତନ କ୍ୟାମ୍ପସରେ ଅଧିକ ପାଣି ଦରକାର ପଡିବ ଏବଂ ରଷିକୁଲ୍ୟା ପ୍ରକଳ୍ପରୁ ଏହି ପାଣି ଆଇଜରକୁ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ପିଲାଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ଆଇଜର କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଥିଲେ। ନୂତନ କ୍ୟାମ୍ପସଠାରୁ ଏଡି କଲେଜ ଓ ଗୋପାଳପୁର ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ଉପରେ ଆଲୋଚନା ହୋଇଥିଲା । ଜାତୀୟ ରାଜପଥରୁ ୩ଟି ଆପ୍ରୋଚ୍ ରୋଡ୍‌ର ପ୍ରସ୍ତାବ ରହିଛି । ମଞ୍ଜୁରୀ ଆସିଲେ ଏହା ତ୍ୱରାନ୍ୱିତ ହେବ। ଆଇଜରକୁ କନିଷ୍ଠି ଗ୍ରୀଡ୍‌ରୁ ବିଦ୍ୟୁତ ସଂଯୋଗ ପାଇଁ ୮ କୋଟି ଟଙ୍କାର ଏକ ଏଷ୍ଟିମେଟ୍ ଦିଆଯାଇଛି । ମାତ୍ର ନରେନ୍ଦ୍ରପୁର ଗ୍ରୀଡ୍‌ରୁ ବିଦ୍ୟୁତ ସଂଯୋଗ ପାଇଁ ଆଇଜର କର୍ତ୍ତୃପକ୍ଷ ଚାହୁଁଛନ୍ତି। ଏଥିପାଇଁ ୧୧ କୋଟି ଟଙ୍କା ଆବଶ୍ୟକ ଥିବା ସୂଚନା ମିଳିଛି। ବିଦ୍ୟୁତ ଓ ଆପ୍ରୋଚ୍ ରାସ୍ତା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲାପାଳ କହିଥିଲେ । ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କୁ ଏହି ସବୁ କାର୍ଯ୍ୟର ମନିଟରିଂ ଦାୟିତ୍ୱ ଦିଆଯାଇଛି। ଜୁଲାଇରେ ପୁଣି ଥରେ ବୈଠକ କରି ଆଲୋଚନା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଆଇଜରର ନିର୍ଦ୍ଦେଶକ ପ୍ରଫେସର କେ. ଭି ଆର୍ ଚାରୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କଲେକ୍ଟର (ରାଜସ୍ୱ) ଦିବ୍ୟଲୋଚନ ମହନ୍ତ, ରଙ୍ଗେଇଲୁଣ୍ଡା ଏବିଡିଓ ତ୍ରିପତି ବାଲାଜି, କନିଷ୍ଠି ତହସିଲଦାର ଅନିତା କୁମାରୀ ସାହୁ, ଡ. ରଜତ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସୀତାରାମ ପଣ୍ଡା, ଆଇଜରର ନିର୍ବାହୀଯନ୍ତ୍ରୀ ସଞ୍ଜୟ ମାଝି,ରାସ୍ତା ଓ କୋଠାବାଡି ବିଭାଗର ନିର୍ବାହୀଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିଶ୍ୱ ମରୁଭୂମି ପ୍ରତିରୋଧ ଦିବସ ପାଳିତ



**ବୁଗୁଡ଼ା,୧୭।୬(ଡି.ଏନ.ଏ.)**

ବୁଗୁଡ଼ା ବନ ବିଭାଗ ପକ୍ଷରୁ ସୋମବାର ବ୍ଲକ ଅନ୍ତର୍ଗତ ଖରିଡ଼ା ସ୍ୱପ୍ନେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ବନଖଣ୍ଡ ସ୍ତରୀୟ ବିଶ୍ୱ ମରୁଭୂମି ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ତାଳଶାକର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ସମ୍ମାନିତ ଅତିଥି ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ନିରଞ୍ଜନ ଖାଡ଼ଙ୍ଗା, ପ୍ରମୋଦ କୁମାର ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗଦେଇ ବିଶ୍ୱକୁ ମରୁଭୂମିର ଦାଉରୁ ପ୍ରତିରୋଧ କରିବା ପାଇଁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ବନ କର୍ମଚାରୀଙ୍କ ଦ୍ୱାରା ଗ୍ରାମରେ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

■ ରିକାପଲ୍ଲୀ ରେଲୱେ କ୍ରସିଂ ଫାଟକ ବନ୍ଦ ପ୍ରସଙ୍ଗ

## ଗଳାଶଙ୍ଖ ନିର୍ମାଣ ଦାବି କଲେ ୫ ପଞ୍ଚାୟତବାସୀ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଲୋକେ ।

**ଛତ୍ରପୁର,୧୭।୬(ଡି.ଏନ.ଏ.)**

ଛତ୍ରପୁରର ରିକାପଲ୍ଲୀ ରେଲୱେ କ୍ରସିଂ ଫାଟକ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି । ଏହା ହେଲେ ଉକ୍ତ ଫାଟକ ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ରିକାପଲ୍ଲୀ ରେଲୱେ କ୍ରସିଂ ଫାଟକଠାରୁ କୁମାରବେଗପଲ୍ଲୀ ଗାଁ ମଧ୍ୟରେ ଏକ ଗଳା ଶଙ୍ଖ ନିର୍ମାଣ କରିବାକୁ ୫ ପଞ୍ଚାୟତବାସୀ ଦାବି କରିଛନ୍ତି। ସୋମବାର ଉକ୍ତ ପଞ୍ଚାୟତଗୁଡ଼ିକର ଜନପ୍ରତିନିଧି ଓ ଗାଁ କମିଟିର ଲୋକେ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ରେଲୱେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଏକ ସ୍ମାରକପତ୍ର ଖୋର୍ଦ୍ଧା ରେଲୱେ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଛତ୍ରପୁର ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରିକାପଲ୍ଲୀ ରେଲୱେ କ୍ରସିଂ ଦେଇ ଦୈନିକ ପୋଡାପଦର, କରପଡା, ବଡମାଧପୁର, ଚିକଲଖଣ୍ଡି ଓ ପୋଟଲାମପୁର ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଏଥିସହ ଉକ୍ତ କ୍ରସିଂର ଆର ପଟେ ତାରାତାରିଣୀ ପୀଠ ଏବଂ ଛତ୍ରପୁର ସହରକୁ ଲୋକେ ଯିବା ଆସିବା କରୁଛନ୍ତି। ଫାଟକ ବନ୍ଦ ହେଲେ ଯାତାୟାତରେ ଅସୁବିଧା ହେବ ବୋଲି ଜିଲାପାଳଙ୍କୁ ଅବଗତ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା, ପୂର୍ବତନ ସମିତିସଭ୍ୟ କ୍ଷୀରୋଦ ଚନ୍ଦ୍ର ସାହୁ, ଡି ସୁବାସ ରାଓ, ଜଗନ୍ନାଥ ସାହୁ, ଶିବ ପ୍ରସାଦ ଗୌଡ, ବି ଜଗେଶ୍ୱର ରେଡ୍ଡୀ, ସୁରେନ୍ଦ୍ର ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଅଟୋ ଚାଳକ ସଂଘ କର୍ମକର୍ତ୍ତା ଚୟନ

**ଛତ୍ରପୁର,୧୭।୬(ଡି.ଏନ.ଏ)**

ଛତ୍ରପୁରର ରିକାପଲ୍ଲୀ ଛକସ୍ଥିତ ଜୟ ମା' ଦୁର୍ଗା ଅଟୋ ଚାଳକ ସଂଘର ଏକ ବୈଠକ ପୋଡାପଦର ନିକଟର କଣ୍ଟୁଣୀ ମା' ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସାରର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ଆଇନ୍ ଉପଦେଷ୍ଟା ଲିଙ୍ଗରାଜ ପଟ୍ଟନାୟକ ଯୋଗଦେଇ ସଂଘର ଗୁରୁତ୍ୱ ଓ ସଦସ୍ୟମାନଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଲକ୍ଷ୍ମୀ ନାରାୟଣ ପଣ୍ଡା ସଭାପତି, ଲିଙ୍ଗରାଜ ନାୟକ ଉପସଭାପତି, ଆର୍ ଶ୍ରୀନିବାସ ରାଓ ସମ୍ପାଦକ, ଲକ୍ଷ୍ମୀ ନାରାୟଣ ରାଉଳ ସହସମ୍ପାଦକ, ଗୋବିନ୍ଦ ଗୌଡ ଓ ଅଜିତ ରାଉଳ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଏ ଦୁର୍ଗା, ଜି ଶ୍ରୀନିବାସ, ଏ ନିରଞ୍ଜନ ପାତ୍ର, ଅନୀଲ କୁମାର ସାହୁ, କେ ଚିଟିବାବୁ ରାଓ, ଶବର ପଲେଇ, ଏସ୍ ନାଗେଶ୍ୱର ରାଓ, ଡାକ ଗୌଡ, ପ୍ରକାଶ ଗୌଡ, ବି ଲିଙ୍ଗରାଜ ପାତ୍ର, ଏ ଜଗନ୍ନାଧ, ମାଙ୍ଗୁ ସାହୁ, ସିଜିଲ ପାଳ, ସମୀର ନାୟକ, ନାରାୟଣ ଗୌଡ, ବି ନାରାୟଣ ପାତ୍ର, ନିରାକାର ପଣ୍ଡା, ନକୁଳ ବେହେରା ପ୍ରମୁଖ ସଦସ୍ୟ ରହିଛନ୍ତି। ଶେଷରେ କାଲୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

## ଜବରଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୧୭।୬**

କନ୍ଧମାଳ ଜିଲା ଖଜୁରିପଡା ଡାକ୍ତରଖାନା ପଛପାଖଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ପାହାଡ ପାର୍ଶ୍ୱରେ ଅନାବାଦି, ଜଙ୍ଗଲ କିସମ, ଗୋଚର, ପତିତ ଆଦି ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇଛି । ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁରାଦେଇ ଗ୍ରାମବାସୀ ସୋମବାର ଏ ନେଇ ଉପ ଜିଲାପାଳଙ୍କୁ ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ ପାଖରେ ଥିବା ଉକ୍ତ ଜାଗାକୁ କିଛି ମାସ ହେବ କେତେଜଣ ଜବରଦଖଲ କରି ରହିଛନ୍ତି। ଡାକ୍ତରଖାନା ପଛରେ ପ୍ରାୟ ୬ ମାସ ହେବ ରହି ଆସୁଥିବା ଜଣେ ବ୍ୟକ୍ତିଙ୍କ ପୁଅ କିଛି ଦିନ ତଳେ ଗାଡିଆପଡା ଘାଟିରେ ଦୁଇ ଜଣଙ୍କୁ ଲୁଟ୍ ଉଦ୍ୟମ କରିଥିଲେ। ଏଥିରେ ଅସଫଳ ହେବାରୁ ପେଟ୍ରୋଲ ଢ଼ାଳି ସେମାନଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ। ସୁରାଦେଇ ଗ୍ରାମର ଲୋକେ ସରଳ। କିନ୍ତୁ ଏହି ଘଟଣାରେ ଗ୍ରାମର ଯୁବକଙ୍କ ନାଁ ପଡ଼ିଲା। ଜବରଦଖଲକାରୀ ଅପରାଧ ଓ ଅସାମାଜିକ କାର୍ଯ୍ୟ କରୁଛନ୍ତି। ଗ୍ରାମବାସୀ ବିରୋଧ କଲେ ସେମାନେ ଗାଳିଗୁଲଜ କରୁଛନ୍ତି। ତୁରନ୍ତ ସେମାନଙ୍କୁ ସେଠାରୁ ହଟାଇବାକୁ ସୁରାଦେଇ ଗ୍ରାମ କମିଟି ସଭାପତି ପପୁ ଗଣ୍ଡା, ସମ୍ପାଦକ କବିରାଜ ଗଣ୍ଡା, ୱାର୍ଡମେମ୍ବର ରାଜ କୁମାରୀ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହେବ । ଉପ ଜିଲାପାଳଙ୍କୁ ଅବଗତ କରିବାକୁ ତହସିଲଦାର କହିଥିଲେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସୁରାଦେଇ ଗ୍ରାମବାସୀ ।

## ମୌଳିକ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

**ଦାରିଙ୍ଗବାଡ଼ି,୧୭।୬(ଡି.ଏନ.ଏ)**

ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ରବିବାର ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ପର୍ତ୍ତମାହା ପଞ୍ଚାୟତ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ପ୍ରଥମେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଭିନ୍ନ ସାହି ବୁଲାଯାଇଥିଲା। ପରେ ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ବିଧାୟକଙ୍କୁ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସମସ୍ୟା ଅବଗତ କରାଯାଇଥିଲା। ଏହାର ସମାଧାନ ପାଇଁ ବିଧାୟକ ପ୍ରତଶ୍ରୁତି ଦେଇଛନ୍ତି। ଅତି ଦୁର୍ଗମ ପଞ୍ଚାୟତଠାରୁ କୋଟଗଡ଼ ବ୍ଲକ ପକାରୀ ପର୍ଯ୍ୟନ୍ତ ପକ୍କା ରାସ୍ତା ଚଳିତ ବର୍ଷ କରାଯିବ। ଦାରିଙ୍ଗବାଡ଼ି ସମେତ ଟିକାବାଲି, ଜି.ଉଦୟଗିରି, ରାଇକିଆ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ବସ୍‌ଷ୍ଟାଣ୍ଡ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଶୁଦ୍ଧ ପିଇବା ପାଣି ବ୍ୟବସ୍ଥା ବିଧାୟକ ପାଣ୍ଠିରୁ ହେବ ବୋଲି ବିଧାୟକ ସୂଚନା ଦେଇଥିଲେ। ସନ୍ଧ୍ୟାରେ ବିଧାୟକ ପେତାରବାଡ଼ି ଗ୍ରାମକୁ ଯାଇଥିଲେ। ସେଠାରେ ପୂର୍ବତନ ସରପଞ୍ଚ ମର୍ଣ୍ଣ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇ ଗ୍ରାମରେ ପିଇବା ପାଣି ସମସ୍ୟା ଥିବାରୁ ପାଇପ ଯୋଗେ ଜଳଯୋଗାଣ କରାଯିବ ବୋଲି କହିଥିଲେ । ପର୍ତ୍ତମାହା ସରପଞ୍ଚ ଫଗୁ ପ୍ରଧାନ, ଫ୍ଲିହେରୀ ସରପଞ୍ଚଙ୍କ ପ୍ରତିନିଧି ପାଉଲ ପ୍ରଧାନ, ସିମନବାଡ଼ି ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ, ତିଲୋରି ସମିତିସଭ୍ୟ ଇନ୍ଦ୍ରଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପର୍ତ୍ତମାହା ଯୁବ ସଂଘର ସଭାପତି ବେଲାଳସେନ ନାୟକ, ଅନ୍ତରଙ୍ଗ ଯୁବମହାସଂଘର ଜିଲା ସଭାପତି ଦିଲୀପ କୁମାର ସାହୁ, ନୀଳମାଧବ ସାହୁ, ପଠାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବିଧାୟକଙ୍କୁ ସ୍ୱାଗତ କରୁଛନ୍ତି ଗ୍ରାମବାସୀ।

## ଏକାଠି ହେଲେ ଅସନ୍ତୁଷ୍ଟ ବିଜେଡି ନେତା, କର୍ମୀ

**ଦାରିଙ୍ଗବାଡ଼ି,୧୭।୬(ଡି.ଏନ.ଏ)**

ବିଧାୟକଙ୍କ ବିରୋଧରେ ରଣହୁଙ୍କାର


ଖବରଦାତା ସମ୍ମିଳନୀରେ ଅସନ୍ତୁଷ୍ଟ ନେତା ଓ କର୍ମୀମାନେ।

ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରେ ଦାରିଙ୍ଗବାଡ଼ି ବ୍ଲକ ବିଜେଡିରେ ଦଳ ବିରୋଧୀଙ୍କୁ ବହିଷ୍କାର କରିବା ଦାବି ଜୋର ଧରିଛି। ଦଳ ବିରୋଧୀ ଅଭିଯୋଗ ଆସିଥିବା ନେତା, କର୍ମୀ ଓ ଠିକାଦାରଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଦେଖାଯାଇଛି। ସୋମବାର ଏମାନେ ଦାରିଙ୍ଗବାଡି ପଥପାର୍ଶ୍ୱ ସେବାକେନ୍ଦ୍ରଠାରେ ଏକାଠି ଖବରଦାତା ସମ୍ମିଳନୀ କରି ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଧାୟକ ସାଲୁଗା ପ୍ରଧାନଙ୍କ ଆଚରଣ, ଉଚ୍ଚାରଣକୁ ବିରୋଧ କରିବା ସହ ଦଳର କ୍ଷତିହେବା ଭଳି କିଛି କାର୍ଯ୍ୟ ସେମାନେ କରି ନ ଥିବା କହିଛନ୍ତି। ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ସୋମନାଥ ପ୍ରଧାନଙ୍କ ସମେତ ଲୁକସୁନା ମାଝି, ଲେଙ୍କା ପ୍ରଧାନ, ଠିକାଦାର ବିଜୟ କୁମାର ସାହୁ, ରୋହିତ ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଷଡ଼ଯନ୍ତ୍ର କରି ସେମାନଙ୍କୁ ବିଜେଡିରୁ ବହିଷ୍କାର ପାଇଁ ଯୋଜନା କରାଯାଉଛି। ନିର୍ବାଚନରେ ସେମାନେ ବିଧାୟକ ପ୍ରଧାନଙ୍କୁ ଜିତାଇବା ପାଇଁ କଠିନ ପରିଶ୍ରମ କରିଛନ୍ତି। ଲକସୁନା କହିଥିଲେ, ୨୦୦୯ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇଥିଲା। ସେ ସମୟରେ ସାଲୁଗା ତାଙ୍କୁ ବିରୋଧ କରି ନିଜେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଦଳକୁ ପରାଜିତ କରାଇଥିଲେ। ସେ ସମୟରେ ଏ ନେଇ କାହିଁକି ଦଳର ରାଜ୍ୟ ସଭାପତିଙ୍କୁ ପ୍ରମାଣ ସହ ଅଭିଯୋଗ କଲେନି ବୋଲି ଲୁକସୁନାଙ୍କୁ ଖବରଦାତାମାନେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ସେହିପରି ବିଧାୟକ ପ୍ରଧାନଙ୍କ ବିରୋଧରେ ଆହୁରି ଅଭିଯୋଗ କରାଯାଇଥିଲା ଯେ, ୨୦୧୪ ନିର୍ବାଚନରେ ରାଇକିଆର ତତ୍କାଳୀନ ବ୍ଲକ ଅଧକ୍ଷ ପ୍ରଦୀପ କୁମାର ପ୍ରଧାନଙ୍କୁ ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ କରାଯାଇଥିଲା। ତାଙ୍କୁ ମଧ ସେ ସମୟରେ ବିଧାୟକ ପ୍ରଧାନ ବିରୋଧ କରିଥିଲେ। ଅନ୍ୟପକ୍ଷରେ ଏମପି ଭୋଟ ବିଜେଡିକୁ ଓ ବିଧାୟକ ଭୋଟ କଂଗ୍ରେସକୁ ଦେବାକୁ ଲୋକଙ୍କୁ ପ୍ରବର୍ତ୍ତା ଯାଇଥିବା ଅଭିଯୋଗ ସମ୍ପର୍କରେ ପଚରାଯିବାରୁ ସୋମନାଥ ପ୍ରଧାନ ଏହାକୁ ଅସ୍ୱୀକାର କରିବା ସହ ବିଧାୟକ ଏହାର ପ୍ରମାଣ ଦିଅନ୍ତୁ ବୋଲି କହଥିଲେ। ୧୧ ତାରିଖରେ ହୋଇଥିବା ବୈଠକକୁ କାହିଁକି ଡକାଗଲାନି ଏବଂ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ କାହିଁକି ପ୍ରମାଣ ଦିଆଗଲାନି ବୋଲି ଅସନ୍ତୁଷ୍ଟ ନେତା ଓ କର୍ମୀମାନେ ପ୍ରଶ୍ନ କରିଥିଲେ। ବିଧାୟକ ପ୍ରଧାନଙ୍କ ଅଭିଯୋଗ ଭିତ୍ତିହୀନ । ଏହାର ତଦନ୍ତ କରି ରାଜ୍ୟ ସଭାପତି ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ବିଧାୟକ ପ୍ରଧାନ ତାଙ୍କ ଆଚରଣ ଓ ଉଚ୍ଚାରଣ ଠିକ ନ କଲେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅଞ୍ଚଳରେ ବିଜେଡି ଜିତିବା ଅସମ୍ଭବ ହୋଇପଡ଼ିବ ବୋଲି ସେମାନେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଦଳର ଜିଲା ସଭାପତି, ଜିଲା ପର୍ଯ୍ୟବେକ୍ଷକ, ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ଏମପି ଅଚ୍ୟୁତ ସାମନ୍ତଙ୍କୁ ପ୍ରଦାନ କରାଯାଇଥିବା ଜଣାଇଛନ୍ତି। ସେହିପରି ଠିକାଦାର ରୋହିତ ସାହୁ କହିଛନ୍ତି, ଗତ ନିର୍ବାଚନ ବେଳେ ସୋମନାଥଙ୍କୁ ଟିକେଟ ପାଇଁ ତାଙ୍କ ସହ ଭୁବନେଶ୍ୱର ଯାଇଥିବାରୁ ଦଳରୁ ବହିଷ୍କାର ପାଇଁ ଚକ୍ରାନ୍ତ କରାଯାଇଛି। କୌଣସି ଠିକାକାର୍ଯ୍ୟ ନ ଦେବାକୁ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ପ୍ରଧାନ ପରାମର୍ଶ ଦେଉଥିବାରୁ ସେ ଏବେ ମର୍ମାହତ ବୋଲି କହିଛନ୍ତି। ଏ ନେଇ ବିଧାୟକ ପ୍ରଧାନଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ କରାଯିବାରୁ ସେ ଏବେ ଜିଲା ବାହାରେ ଅଛନ୍ତି, କ'ଣ ଅଭିଯୋଗ ଆସିଛି ତାହା ଠିକ ଭାବେ ଜାଣି ନ ଥିବା କହିଥିଲେ। ଜାଣିବା ପରେ ଉତ୍ତର ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୧୧ ତାରିଖରେ ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ଅଧକ୍ଷତାରେ ନିର୍ବାଚନୀ ସମୀକ୍ଷା ବୈଠକ ହୋଇଥିଲା। ଦଳ ବିରୋଧୀ କାର୍ଯ୍ୟ କରିଥିବା କର୍ମୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଥିଲା । ବ୍ଲକ ସଭାପତି ପ୍ରଧାନ ରାଜ୍ୟ ସଭାପତିଙ୍କ ନିକଟକୁ ଦଳ ବିରୋଧୀଙ୍କ ନାମତାଲିକା ପଠାଇଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ, କର୍ତ୍ତୃପକ୍ଷ ମହାସଂଘ ବୈଠକ । ସ୍ଥାନ- ବିଜୁ ପଟ୍ଟନାୟକ ସଂସ୍କୃତି ଭବନ । ସମୟ-ପୂର୍ବାହ୍ନ ୧୦ଟା ।

## ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର ଅଫିସ୍,୧୭।୬:** ଓଡ଼ିଶା ରାଜ୍ୟ ଶୌଣ୍ଡିକ ସମାଜ ବ୍ରହ୍ମପୁର ତରଫରୁ ସୋମବାର ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ତିରୋଧାନ ଗିରିରୋଡ୍ ଛକରେ ପାଳନ କରାଯାଇଥିଲା। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ତାଙ୍କ ଜୀବନକାଳରେ ସେ କରିଯାଇଥିବା ସମାଜ ସେବାକୁ ମନେପକା ଯାଇଥିଲା। ରାଜ୍ୟ ଶୌଣ୍ଡିକ ସମାଜର ସଭାପତି ପ୍ରଭାକର ସାହୁ, ଲୋକସମ୍ପର୍କ ଅଧିକାରୀ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ରାଜ୍ୟ ସଭାନେତ୍ରୀ ସବିତା ସାହୁକାର, ପ୍ରଦୀପ କୁମାର ସାହୁ, ନବୀନ କୁମାର ବେହେରା, ବାସୁଦେବ ସାହୁକାର, ପୂଜ୍ୟପୂଜା ସମିତି ସଭାପତି ଅବନୀ ଗୟା, ସିନିୟର୍ ସିଟିଜେନ୍ ସଭାପତି ରାସବିହାରୀ ଦାସ ଓ ପ୍ରମୋଦ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷକ, କଳାକାର ରାମକୃଷ୍ଣଙ୍କ ପରଲୋକ

**ବ୍ରହ୍ମପୁର ଅଫିସ୍,୧୭।୬:**କ୍ଷତ୍ରିୟବରପୁରର ପ୍ରଧାନ ଶିକ୍ଷକ ତଥା ଗଞ୍ଜାମ ଜିଲାର ବିଶିଷ୍ଟ ମଞ୍ଚକଳା ନିର୍ଦ୍ଦେଶକ ରାମକୃଷ୍ଣ ତ୍ରିପାଠୀ(୯୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ପୁତ୍ର ପତିତପାବନ ତ୍ରିପାଠୀଙ୍କ ବ୍ରହ୍ମପୁରସ୍ଥିତ ଖୋଡ଼ାସିଙ୍ଗି ବାସଭବନରେ ମୃତ୍ୟୁ ହୋଇଥିଲା । ଗୋପାଳପୁରରୁ ଶିକ୍ଷକତା ଆରମ୍ଭ କରି ବେଣାପାଟ, ନିମିନା, ସାହସପୁର, କମାଗଡ଼, ଭଞ୍ଜନଗର ଏବଂ ପାଇଲିପଡ଼ାରେ ଇଂଲିଶ ଶିକ୍ଷକ ଭାବେ ଶିକ୍ଷାଦାନ କରିଛନ୍ତି । ତାଙ୍କ ଉଦ୍ୟମରେ ବେଣାପାଟରେ ଏକ ଡାକଘର ମଧ୍ୟ କରିଛନ୍ତି । କମାଗଡ଼ ଓ କବିରାଜପୁରରେ ମୁକ୍ତରଙ୍ଗମଞ୍ଚ ଗଠନ କରି ନିର୍ଦ୍ଦେଶକ ଭାବେ ବେଶ୍ ପ୍ରସଂଶିତ ହୋଇଛନ୍ତି । ଏକାଧାରାରେ ଜଣେ ଲେଖକ, କବି, ଗାୟକ ଏବଂ ପ୍ରହ୍ଲାଦ ନାଟକର ନିର୍ଦ୍ଦେଶକ ମଧ୍ୟ ଥିଲେ । ତାଙ୍କ ବିୟୋଗରେ କବିରାଜପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବିଏମ୍‌ସିର ୱାର୍ଡ ସଂଖ୍ୟା ୪୩କୁ ବଢ଼ିବ

**ପୌର ନିର୍ବାଚନ**
- ଆସନ ସଂରକ୍ଷଣ ସଂଶୋଧନ ସହ ପୁନର୍ଗଠନ ହେବ ୱାର୍ଡ
- ପ୍ରାର୍ଥୀ ହେବା ନେଇ ଦ୍ୱନ୍ଦ୍ୱରେ ବିଜେଡିର ନୂଆ, ପୁରୁଣା ପୂର୍ବତନ କର୍ପୋରେଟର
- ତିନି ପ୍ରମୁଖ ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ

ବ୍ରହ୍ମପୁର ଅଫିସ,୧୭।୬

ଆଗାମୀ ପୌର ନିର୍ବାଚନରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ସଂଖ୍ୟା ୪୦ରୁ ୪୩କୁ ବୃଦ୍ଧି ପାଇବ । ସଂରକ୍ଷଣ ଆସନ ସଂଖ୍ୟା ୫୦% ମଧ୍ୟରେ ସୀମିତ ରହିବ। ତେଣୁ ୱାର୍ଡ ପୁନର୍ଗଠନ ସହ ସଂରକ୍ଷଣ ବ୍ୟବସ୍ଥାର ସଂଶୋଧନ କରାଯିବ। ଅପରପକ୍ଷରେ ନିର୍ବାଚିତ ପରିଷଦ କାର୍ଯ୍ୟକାଳ ଗତ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି । ସରକାରଙ୍କ ହାତକୁ ପରିଚାଳନା ଦାୟିତ୍ୱ ଯାଇଛି । ଆଇନ ପ୍ରକାରେ ପରିଷଦ କାର୍ଯ୍ୟକାଳ ଶେଷ ହେବାର ୬ ମାସ ମଧ୍ୟରେ ନିର୍ବାଚନ ହେବା କଥା । ଏବେ ୮ ମାସ ବିତିଯାଇଛି। ତେଣୁ ସମୟ ବୃଦ୍ଧି କରାଯିବାର ନିୟମ ଅଛି। ବିଧାନସଭାର ଆଗାମୀ ଅଧିବେଶନରେ ରାଜ୍ୟ ସରକାର ପୌର ଆଇନ ସଂଶୋଧନ କରିବାର ପ୍ରସ୍ତାବ ଥିବା ସୂଚନା ମିଳିଛି ।

କେଉଁ ଆବହମାନ କାଳରୁ ବ୍ରହ୍ମପୁର ପୌର ପରିଷଦ ୨୭ ୱାର୍ଡକୁ ନେଇ ଗଠନ ହୋଇଥିଲା। ୨୦୦୩ ନିର୍ବାଚନ ପର୍ଯ୍ୟନ୍ତ ଏହା ବଳବତ୍ତର ଥିଲା ଏବଂ ୨୦୦୮ ପୌର ନିର୍ବାଚନ ବେଳକୁ ୱାର୍ଡ ସଂଖ୍ୟା ୩୭କୁ ବୃଦ୍ଧି ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୌର ସଂସ୍ଥାକୁ ମହାନଗର ନିଗମରେ ପରିଣତ କରାଯାଇଥିବାରୁ ୨୦୧୩ ପୌର ନିର୍ବାଚନ ବେଳେ ୱାର୍ଡ ସଂଖ୍ୟା ୪୦ ହୋଇଥିଲା । ଆଗାମୀ ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ କରାଯାଇ ୪୩କୁ ବୃଦ୍ଧି ନିମନ୍ତେ ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଥିବାରୁ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରି ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ସମ୍ପର୍କରେ ତଥ୍ୟ ଦାଖଲ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ସରକାରଙ୍କୁ ଜଣାଇ ଦେଇଛନ୍ତି।

ଶାସକ ଓ ବିରୋଧୀ ଦଳ ପକ୍ଷରୁ ମଧ୍ୟ ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଇଛି। ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମ ଜିଲାର ୧୮ ସହରାଞ୍ଚଳରେ ପୌର ନିର୍ବାଚନ ହେବ। ୧୯୯୨ ପୌର ନିର୍ବାଚନରେ ନଗରପାଳ ପଦବୀ ପାଇଁ ପ୍ରତ୍ୟକ୍ଷ ମତଦାନ ହୋଇଥିଲା। ଆଗାମୀ ପୌର ନିର୍ବାଚନରେ ମଧ୍ୟ ମେୟର ଓ ନଗରପାଳ ପାଇଁ ସେହିଭଳି ମତଦାନ ହେବ।

ସୂଚନାଯୋଗ୍ୟ, ମହାନଗର ନିଗମ (ବିଏମ୍‌ସି)ରେ ନୂଆ ପୁରୁଣା ପୂର୍ବତନ ବିଜେଡି କର୍ପୋରେଟରଙ୍କ ସଂଖ୍ୟା ୩୭ ହୋଇଛି। କଂଗ୍ରେସରୁ ନିର୍ବାଚିତ ହୋଇଥିବା କର୍ପୋରେଟରମାନେ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ କରିବ କି ନାହିଁ ତାକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଅନ୍ୟପକ୍ଷରେ ଗତ ପୌର ନିର୍ବାଚନରେ କଂଗ୍ରେସ ଦ୍ୱାରା ପରାସ୍ତ ହୋଇଥିବା ବିଜେଡିର ପ୍ରାର୍ଥୀମାନେ ମଧ୍ୟ ଆଶା ଆଶଙ୍କାରେ ଅଛନ୍ତି। ତେଣୁ ବିଜେଡିର ନୂଆ ପୁରୁଣା ପୂର୍ବତନ କର୍ପୋରେଟର ଏବେଠୁ ଦ୍ୱନ୍ଦ୍ୱରେ ଅଛନ୍ତି । ମେୟର ଏବଂ କର୍ପୋରେଟର ପ୍ରାର୍ଥୀ ଚୟନ ପ୍ରକ୍ରିୟା ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଯାଇଛି ।

## ରଘୁନାଥ ସ୍ୱାମୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବ୍ରହ୍ମପୁର ଅଫିସ,୧୭।୬

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୱାର୍ଡ ନଂ. ୭ ଅନ୍ତର୍ଗତ ବାଲ୍ମିକୀ ପେଟାରେ ସିଦ୍ଧିବିନାୟକ ରଘୁନାଥ ସ୍ୱାମୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଉନ୍ନତି ଯୋଜନାରେ ୧୫ ଲକ୍ଷ ଟଙ୍କାରେ ନିର୍ମିତ ଏହି କଲ୍ୟାଣ ମଣ୍ଡପକୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ନବ ନିର୍ବାଚିତ ବିଧାୟକ ବିକ୍ରମ ପଣ୍ଡା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡି ରାଜ୍ୟ ସମ୍ପାଦକ ଟି ଗୋପୀ, ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁ, ଜଗଦୀଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷରେ ଦେବାଙ୍ଗ ସମ୍ପ୍ରଦାୟଙ୍କ ପକ୍ଷରୁ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାପରେ ୫୪ ଲିଙ୍ଗପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ବି. କ୍ରିଷ୍ଣାମୂର୍ତ୍ତି ଓ ରଘୁନାଥ ସ୍ୱାମୀ ମନ୍ଦିର ମୁଖ୍ୟ ନାରାୟଣ ମହାପାତ୍ର, ଦେବ ଦାଶ, ଶଙ୍କର ରାଓ ଓ ଅନ୍ୟାନ୍ୟ କମିଟି ସଦସ୍ୟ ସହଯୋଗ କରିଥିଲେ ।

# ସରକାରୀ ସ୍କୁଲ ବନ୍ଦକୁ ବିରୋଧ



ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସହ ମଞ୍ଚ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୧୭।୬

କମ୍ ଉପସ୍ଥାନ ଦର୍ଶାଇ ଗଞ୍ଜାମ ଜିଲାର ୪୭ ସରକାରୀ ସ୍କୁଲକୁ ଚଳିତ ବର୍ଷ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି । ଏହାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ସୋମବାର ମଞ୍ଚ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟିପିଟି ପ୍ରତିବାଦ କରାଯାଇଥିଲା। ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି, ପ୍ରତି ବର୍ଷ କମ୍ ଉପସ୍ଥାନ ଦର୍ଶାଇ ସରକାରୀ ସ୍କୁଲଗୁଡ଼ିକୁ ବନ୍ଦକରି ଦିଆଯାଉଛି। ଶିକ୍ଷାର ମାନ ବଢ଼ାଇବା ବଦଳରେ ବନ୍ଦ କରିଦେବା ନିନ୍ଦନୀୟ । ଗରିବ ପିଲାମାନେ ଘରୋଇ ସ୍କୁଲଗୁଡ଼ିକରେ ପାଠ ପଢ଼ିପାରୁ ନାହାନ୍ତି । ଏଭଳି ସ୍ଥଳେ ସରକାରୀ ସ୍କୁଲ ହିଁ ଏକମାତ୍ର ଭରସା । ଯଦି ଗୋଟିଏ ପରେ ଗୋଟିଏ ସ୍କୁଲକୁ ବନ୍ଦକରି ଦିଆଯିବ, ତେବେ ଗରିବ ପିଲାମାନେ ପଢ଼ିବେ କେଉଁଠି । ସରକାରୀ ଅଧିକାରୀଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢ଼ିଲେ ହିଁ ଏହି ସମସ୍ୟା ଦୂର ହୋଇପାରିବ । ଶିକ୍ଷା ଅଧିକାର ଆଇନ୍-୨୦୦୯ର କାର୍ଯ୍ୟକାରିତା, କେ.ସି. ହାଇସ୍କୁଲ, କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ କେ.ସି. ଟାଉନ୍ ହାଇସ୍କୁଲକୁ ସରକାର ନିଜ ଅଧୀନକୁ ନେବା ଏବଂ ଘରୋଇ ସ୍କୁଲଗୁଡ଼ିକ ପବ୍ଲିକ ସ୍କୁଲ ନ ଲେଖିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ପରେ ଏନେଇ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ସହ ଆଲୋଚନା କରାଯାଇଥିଲା । ମଞ୍ଚ ସାଧାରଣ ସମ୍ପାଦକ ମାଗୁଣି ନାହାକ, ଅବନୀ କୁମାର ଗୟା, ମନୋଜ କୁମାର ତରାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଶିବ ସୁନ୍ଦର ରଥ, ମହେଶ୍ୱର ବାଡ଼ତ୍ୟା, ସତ୍ୟନାରାୟଣ ରାଓ ଏବଂ ଲକ୍ଷ୍ମୀନାରାୟଣ ରାଉତ ପ୍ରମୁଖ ଏଥିରେ ଭାଗନେଇଥିଲେ ।

## ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ: ପତାଣ୍ଡ ଚାମ୍ପିୟନ

ଦିଗପହଣ୍ଡି,୧୭।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ ମେଘଝୋଲି ଗ୍ରାମରେ ଚାଲିଥିବା ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଇଠଖଣ୍ଡି କ୍ରିକେଟ ଟିମକୁ ହରାଇ ପତାଣ୍ଡ କ୍ରିକେଟ ଟିମ ଚାମ୍ପିୟନ ହୋଇଛି । ନିର୍ଦ୍ଧାରିତ ୧୫ ଓଭରରେ ପତାଣ୍ଡ କ୍ରିକେଟ ଟିମ ୯ ଉଇକେଟ ବିନିମୟରେ ୧୪୧ ରନ ହାସଲ କରିଥିଲା । ଜବାବରେ କଇଠଖଣ୍ଡି ଗ୍ରାମ କ୍ରିକେଟ ଟିମ ୧୨.୦୪ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ କରି ପରାଜିତ ହୋଇଥିଲା । ମେଘଝୋଲି ଗ୍ରାମର ଶ୍ରୀରଘୁନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଜୟ କୁମାର ଗୌଡ଼, ମୁରଲୀ ଗୌଡ଼ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ପୁରସ୍କାର ବିତରଣ କରିଥିଲେ। ସୁରେଶ ବାଡ଼ତ୍ୟା, ବାପି ନାୟକ, ପ୍ରଶାନ୍ତ ଗୌଡ଼ ପ୍ରମୁଖ କ୍ରିକେଟ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟବୃନ୍ଦ ଉପସ୍ଥିତ ଥିଲେ ।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା
# ୨ ଲୁଟେରା ଗିରଫ, ୩ ଫେରାର



ଗିରଫ ଅଭିଯୁକ୍ତ ।

ବୁଗୁଡ଼ା,୧୭।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଏ କରଡ଼ାବାଡ଼ି-ସୋରଡ଼ ରାସ୍ତା ମଝିରେ ଗତ ୬ ତାରିଖରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ହୋଇଥିବା ଲୁଟ୍ ଘଟଣାରେ ସୋମବାର ବୁଗୁଡ଼ା ପୋଲିସ ୨ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କଠାରୁ ୨ ବାଇକ୍, ଗୋଟିଏ ଦେଶୀ ବନ୍ଧୁକ, ୨ ମୋବାଇଲ ଫୋନ ୧୦ ହଜାର ଟଙ୍କା ସହ ଟାବ୍‌ଲଏଡ୍, ସ୍କାନର ଓ କର୍ମଚାରୀଙ୍କର କେତେକ ଦଲିଲ ଜବତ କରାଯାଇଛି। ଗିରଫ ଦୁଇଜଣ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ସଦରା ଗ୍ରାମର ଶିବରାମ ଗୌଡ଼ ଓ ଆମ୍ବଦୋଳି ଗ୍ରାମର ଜୟସେନ ନାୟକ । ଏନେଇ ବୁଗୁଡ଼ା ଥାନାରେ ନଂ.୧୦୭/୧୯ରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଜୁନ ୬ ତାରିଖରେ ବୁଗୁଡ଼ାର ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ରଜନୀକାନ୍ତ ସାହୁ ନାମକ କର୍ମଚାରୀ ଏ. କରଡ଼ାବାଡ଼ି ଓ ସୋରଡ଼ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ବାଇକ୍‌ରେ ବୁଗୁଡ଼ାକୁ ଫେରୁଥିବା ବେଳେ ଏ.କରଡ଼ାବାଡ଼ି-ସୋରଡ଼ ରାସ୍ତାରେ ଦୁଇଟି ବାଇକ୍‌ରେ ୫ ଜଣ ଲୁଟେରା ହଠାତ୍ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ବାଇକ୍ ଓ ୮୦ ହଜାର ଟଙ୍କା ଲୁଟି ନେଇ ଯାଇଥିଲେ ।

## ବଞ୍ଚିବାର ରାହା ଦେଇଛି ଜୀବନ ଭଜନ ସନ୍ଧ୍ୟା

ଫୁଲବାଣୀ ଅଫିସ, ୧୭।୬

ସେମାନେ ଦୃଷ୍ଟିହୀନ । ପାଠ ବି ପଢ଼ିଛନ୍ତି। ଘର ଉପରେ ବୋଝ ନ ହୋଇ ଜୀବନ ଜିଇଁବା ପାଇଁ ଉଦ୍ୟମ କରି ସଫଳ ହୋଇଛନ୍ତି। ନିଜ କଳାକୁ ଲୋକଙ୍କ ପାଖରେ ପହଞ୍ଚାଇ ଭଲ ରୋଜଗାର କରୁଛନ୍ତି। ସେମାନଙ୍କ ରୋଜଗାରର ମାଧ୍ୟମ ହେଉଛି ଅନୁଷ୍ଠାନ ଜୀବନ ଭଜନ ସନ୍ଧ୍ୟା । ଅନୁଷ୍ଠାନରେ ବର୍ତ୍ତମାନ ଅଛନ୍ତି ୨୪ ଜଣ ଦୃଷ୍ଟିବାଧିତ କଳାକାର । ସେମାନଙ୍କ ମଧ୍ୟରେ ୭ ଝିଅ ଓ ୧୭ ପୁଅ। ସହରଠୁ ଗ୍ରାମାଞ୍ଚଳ ବୁଲି ଭଜନ ପରିବେଷଣ କରୁଛନ୍ତି ଏମାନେ। ରାତିକୁ ପ୍ରାୟ ୧୦ ହଜାର ଟଙ୍କା ନେଉଛନ୍ତି। ଯଦି ବି କେଉଁଠି କମ୍ ମିଳୁଛି ସେଠାରେ ବି କାର୍ଯ୍ୟକ୍ରମ କରୁଛନ୍ତି। ଦୁଇ ଦିନ ହେଲା ଫୁଲବାଣୀ ଆସି ସେମାନେ ନିଜର ଦକ୍ଷତା ଦେଖାଇ ଚାଲିଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗରୁଡଗୁଡା ଗ୍ରାମରେ ରହିଛି ଶ୍ରୀଜଗନ୍ନାଥ ମାଝି ଦୃଷ୍ଟିହୀନ ମୂକ ବଧିର ବିଦ୍ୟାଳୟ । ଯାହାର ସାଂସ୍କୃତିକ ବିଭାଗ ହେଉଛି ଜୀବନ ଭଜନ ସନ୍ଧ୍ୟା । ଏଥିରେ କଳାହାଣ୍ଡି, ବଲାଙ୍ଗୀର, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଗଞ୍ଜାମ ଏବଂ ଝାଡ଼ଖଣ୍ଡର କଳାକାର ଅଛନ୍ତି। ସେମାନଙ୍କ ମଧ୍ୟରେ ଏକ ଦମ୍ପତି ଏବଂ ଭଉଣୀ ଭାଇ ଅଛନ୍ତି। ବର୍ଷକୁ ପ୍ରାୟ ୧୦ ମାସ ବିଭିନ୍ନ ଜିଲା ବୁଲି ଭଜନ ପରିବେଷଣ କରୁଛନ୍ତି। ଏଥିରେ ଜଣ ପିଛା ମାସକୁ ୩ ହଜାରରୁ ୯ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ବାକି ଯେଉଁ ଟଙ୍କା ବଳୁଛି ତାହା ଶ୍ରୀ ଜଗନ୍ନାଥ ମାଝି ଦୃଷ୍ଟିହୀନ ମୂକ ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପିଛା ଖର୍ଚ୍ଚ ହେଉଛି ବୋଲି ଅନୁଷ୍ଠାନ ସମ୍ପାଦକ ଲିଙ୍ଗରାଜ ପଟ୍ଟନାୟକ କହିଛନ୍ତି। ଚଳିତବର୍ଷ ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ଯୁକ୍ତ ୩ ପରୀକ୍ଷା ଦେଇଛନ୍ତି ଅନୁଷ୍ଠାନରେ ଥିବା କଟକ ଚୌଦ୍ୱାରର ରାଜେଶ କୁମାର ବିଶୋଇ । ମାଟ୍ରିକରୁ ସେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଆସୁଛନ୍ତି। ଜୀବନ ଭଜନ ସନ୍ଧ୍ୟାରେ ଦେଢ଼ ବର୍ଷ ହେଲା ରହି ଗୀତ ଗାଇବାଠାରୁ ଆରମ୍ଭ କରି ବାଦ୍ୟ ବଜାଉଛନ୍ତି। ଭଲ ରୋଜଗାର କରି ଆମ୍ ସ୍ୱାଭିମାନରେ ବଞ୍ଚି ପାରୁଛି ବୋଲି କହିଛନ୍ତି ରାଜେଶ। ଅନୁଷ୍ଠାନରେ ପ୍ରାୟ ଅଧିକାଂଶ ଅଲରାଉଣ୍ଡର । ଦରମା, ଖାଇବା ପିଇବା ପରେ ଅନୁଷ୍ଠାନର ଯାହା ଟଙ୍କା ବଳୁଛି ତାହା ଦୃଷ୍ଟିହୀନ ମୂକ ବଧିର ପିଲାଙ୍କ ପଛରେ ଖର୍ଚ୍ଚ ହେଉଛି ବୋଲି ସେ ଜଣାଇଛନ୍ତି। ସବୁଠୁ ବଡ ସମସ୍ୟା ହେଉଛି ରହିବା । ଅନୁଷ୍ଠାନରେ ଝିଅ ଏବଂ ମହିଳା ଅଛନ୍ତି। ଯେଉଁଠିକି ବି ଯାଉଛୁ ସବୁଠି ସହଯୋଗ ପାଉଛୁ ଏବଂ ଲୋକେ ଆମକୁ ନିରାପଦ ସ୍ଥାନରେ ରଖୁଛନ୍ତି। ଭଉଣୀ ଭାଇ ଭଲ ରୋଜଗାର କରି ଖୁସିରେ ଅଛୁ ବୋଲି ଲିପୁ ଜେନା କହିଛନ୍ତି। ସେହିପରି ଜୀବନ ଭଜନ ସନ୍ଧ୍ୟା ଅନୁଷ୍ଠାନରେ ଥିବା ସତ୍ୟନାରାୟଣ ବିଶୋଇ ଏବଂ ତାଙ୍କ ସ୍ତ୍ରୀ ହେମଲତା ମଧ୍ୟ ଅନୁରୂପ କଥା କହିଛନ୍ତି।



ଦୃଷ୍ଟିବାଧିତ କଳାକାରମାନେ।

# ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା ପାଳିତ

ଆସିକା,୧୭।୬(ଡି.ଏନ୍.ଏ)

ଆସିକା ଅଞ୍ଚଳରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ଆସିକାର ସୁନାମ୍ବ ସାହିସ୍ଥିତ ବଡ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ସ୍ନାନ ବେଦୀରେ ବିଜେ କରାଯାଇଥିଲା। ଅପରାହ୍ନରେ ସ୍ନାନ ବେଦୀରୁ ଅନବସର ଗୃହକୁ ବିଜେ କରାଯାଇଥିଲା।

**ଶେରଗଡ଼:** ଶେରଗଡ଼ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଠାକୁରଙ୍କ ନୀତିକାନ୍ତି ପରେ ମନ୍ଦିରର ପାର୍ଶ୍ୱରେ ଥିବା ସ୍ନାନ ମଣ୍ଡପକୁ ଅଣାଯାଇ ସୁବାସିତ ପାଣିରେ ସ୍ନାନ କରାଯାଇଥିଲା। ଶେରଗଡ଼ ରାଜା ପୂର୍ଣ୍ଣଚନ୍ଦ୍ର ସିଂଦେଓ ଓ ପ୍ରସନ୍ନ କୁମାର ସିଂଦେଓ ଦର୍ଶନ କରିଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରି ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଓ ବଳଭଦ୍ରଙ୍କୁ ହାତୀ ବେଶରେ ସଜାଯାଇଥିଲା।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରଥସାହି ଜଗନ୍ନାଥ ମନ୍ଦିର ସମେତ ଥାନା ଜଗନ୍ନାଥ ମନ୍ଦିର, କନକା ସାହି, କୁମାରୀ, ପ୍ରତାପପୁର, ଆଛୁଲି ଆଦିଗାଁର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ହୋଇଛି ।

**ଗଞ୍ଜାମ:** ଗଞ୍ଜାମ ବଡ଼ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।

**ବାଲିଗୁଡ଼ା:** ବାଲିଗୁଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କୁ ସ୍ନାପଣ୍ଡପକୁ ନିଆଯାଇଥିଲା। ସେଠାରେ ମହାସ୍ନାନ କରାଯାଇ ପରେ ଗଜାନନ ବେଶ କରାଯାଇଥିଲା।

**ବୁଗୁଡ଼ା:** ବୁଗୁଡ଼ା ବଳଦେବ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପୂର୍ବାହ୍ନରେ ତିନି ଠାକୁରଙ୍କ ଆଳତି କରାଯାଇଥିଲା । ପରେ ବଳଦେବ, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା ।

**ଖଲ୍ଲିକୋଟ:** ଖଲ୍ଲିକୋଟ ଟାଉନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦେବ ରୀତିନୀତି ଅନୁଯାୟୀ ପଣ୍ଡା ସେବକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ସ୍ନାନ କରାଯାଇ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା।

**ଦିଗପହଣ୍ଡି:** ଦିଗପହଣ୍ଡି ରାଜବାଟୀରେ ଥିବା ଜଗନ୍ନାଥ ମନ୍ଦିର ବେଢ଼ା ସ୍ନାନ ମଣ୍ଡପରେ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ସ୍ନାନ ବେଦୀରେ ବିଜେ କରିଥିଲେ। ପରେ ଜୀଉମାନଙ୍କ ବାହୁଡ଼ା ପହଣ୍ଡି କରାଯାଇଥିଲା ।

**ପାତ୍ରପୁର:** ପାତ୍ରପୁର ବ୍ଲକ ଜରଡ଼ାଗଡ଼ ସାରଥି ଧାମରେ ସୋମବାର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇ ସ୍ନାନ କରାଯାଇଥିଲା । ପରେ ଠାକୁର ଗଜ ବେଶ ହୋଇଥିଲେ।

**ସୋରଡ଼ା:** ସୋରଡ଼ା ରଜା ଦେବଦତ୍ତ ସିଂହ ଦେଓ ସ୍ନାନ ପୂର୍ଣ୍ଣିମାରେ ଯୋଗଦେଇ ଦେବନୀତି ସମ୍ପନ୍ନ କରିଥିଲେ। ସକାଳୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଆଣାଯାଇଥିଲା। ସେଠାରେ ଠାକୁରଙ୍କୁ ସ୍ନାନ ପରେ ଗଜାନନ ବେଶ କରାଯାଇଥିଲା। ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ମଧ୍ୟ ରାଜା ଯୋଗ ଦେବେ ବୋଲି ଜଣାପଡ଼ିଛି।



ଜି.ଉଦୟଗିରି: ଠାକୁରଙ୍କ ହାତୀବେଶ।



ଖଲ୍ଲିକୋଟ: ସ୍ନାନ ମଣ୍ଡପରେ ତିନି ଠାକୁର।



ଶେରଗଡରେ ମହାପ୍ରଭୁଙ୍କ ସ୍ନାନ ନୀତି ଚାଲିଛି।



ରାଜାଙ୍କୁ ମନ୍ଦିରକୁ ପାଛୋଟି ନିଆଯାଉଛି।

### ଦାଦା ବଟି ପାଇଁ ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ ଘଟଣା

# ୨ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି, ୧୭।୬ (ଡି.ଏନ.ଏ.)**

ଦିଗପହଣ୍ଡି ଥାନା କୁକୁଡ଼ାଖଣ୍ଡି ବ୍ଲକ ବନ୍ଧପଲ୍ଲୀ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ସୋମବାର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ସଦର ଥାନା ଲାଠିଗାଁର କାଳିଆ ଓରଫ ସଞ୍ଜୟ ସୁଆର ଓ ହରିଶ୍ଚନ୍ଦ୍ର ତରେଇ। ଦିଗପହଣ୍ଡି ଥାନା ମାମଲା ନଂ. ୧୦୯/୧୯ ଅନୁଯାୟୀ ବ୍ରହ୍ମପୁର ସଦର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି, ଶୁକ୍ରବାର ରାତି ପ୍ରାୟ ୮ଟାରେ ମହୁଡ଼ା-ଚାଞ୍ଚଡ଼ାପଲ୍ଲୀ ମୁଖ୍ୟ ରାସ୍ତାରେ ଲାଠିଗାଁର ପେସାଦାର ଅପରାଧୀ ଶ୍ୟାମ ସୁନ୍ଦର ଗୌଡ଼ ଓରଫ ଚେରୁ ଦାଦାବଟି ଆଦାୟକୁ କେନ୍ଦ୍ରକରି ସରପଞ୍ଚଙ୍କୁ ବୋମାମାଡ଼ ପାଇଁ ଯୋଜନା କରିଥିଲେ। ଘଟଣାଦିନ ସରପଞ୍ଚ କାମ ସାରି ସନ୍ଧ୍ୟା ପ୍ରାୟ ୭ଟାରେ ଘରକୁ ଫେରୁଥିବା ବେଳେ ଚେରୁ ଓ ତାଙ୍କ ଦୁଇ ସହଯୋଗୀ କାଳିଆ ଏବଂ ହରିଶ୍ଚନ୍ଦ୍ର ଦୁଇଟି ବାଇକ୍ ରଖି ରାସ୍ତା ଅବରୋଧ କରିଥିଲେ। ଏଥିପାଇଁ ସରପଞ୍ଚ ଓ ଗ୍ରାମବାସୀଙ୍କ ସହ ସେମାନଙ୍କ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା। ଚେରୁଙ୍କୁ ସରପଞ୍ଚ ଚାପଡ଼ା ମାରି ଘଉଡ଼ାଇ ଦେଇଥିଲେ। ଏହି ଅପମାନର ପ୍ରତିଶୋଧ ନେବା ପାଇଁ ସହଯୋଗୀ ଦ୍ୱୟଙ୍କ ସହ ରାତି ପ୍ରାୟ ୮ଟାରେ ପୁଣି ଥରେ ଚାଞ୍ଚଡ଼ାପଲ୍ଲୀ ଗାଁରେ ପହଞ୍ଚିଥିଲେ। ଖଣ୍ଡା ଧରି ରାସ୍ତାରେ ମାର୍ଚ୍ଚିଂ କରିବା ସହ ସରପଞ୍ଚଙ୍କୁ ଗାଳିଗୁଲଜ କରିଥିଲେ। ସରପଞ୍ଚ ଓ ଗ୍ରାମବାସୀ ସଂଘବଦ୍ଧ ହୋଇ ସେମାନଙ୍କୁ ଗୋଡ଼ାଇବାରୁ ଚେରି ତଳେ ପଡ଼ି ଯାଇଥିଲେ। ଫଳରେ ସେ ଧରିଥିବା ବୋମା ଭର୍ତ୍ତି ବ୍ୟାଗ୍‌ଟି ବିସ୍ଫୋରଣ ହେବାରୁ ତାଙ୍କ ଡାହାଣ ହାତ ପାପୁଲିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ପୋଲିସ କର୍ଡନରେ ଚେରୁଙ୍କ ଚିକିତ୍ସା ଚାଲିଛି।




# ଡାକ୍ତରଙ୍କ କାର୍ଯ୍ୟବନ୍ଦ, ସେବା ବାଧାପ୍ରାପ୍ତ

**ଦିଗପହଣ୍ଡି, ୧୭।୬ (ଡି.ଏନ.ଏ.)**

ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ଭାରତୀୟ ମେଡିକାଲ ଡାକ୍ତର ସଂଘ (ଆଇଏମ୍‌ଏ) ପକ୍ଷରୁ ସୋମବାର ଦେଶବ୍ୟାପୀ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ସାମିଲ ହୋଇଥିଲେ। ଏହାଦ୍ୱାରା ରୋଗୀ ସେବା ବାଧାପ୍ରାପ୍ତ ହେବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଦିଗପହଣ୍ଡି ନୂଆସାହିର ବଳରାମ ବେହେରା ତାଙ୍କ ଝିଅଙ୍କୁ ଅତ୍ୟଧିକ ଜ୍ୱର ହେବାରୁ ଡାକ୍ତରଖାନାକୁ ଆସିଥିଲେ। ଡାକ୍ତର ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରି ଝିଅକୁ ଧରି କୁଆଡ଼େ ଯିବି ବୋଲି ଚିନ୍ତାରେ ପଡ଼ିଥିଲେ। ସେହିପରି ସିଦ୍ଧଖଣ୍ଡି ଗାଁର ଭୁବୁନି ପ୍ରଧାନ ତାଙ୍କ ସ୍ତ୍ରୀଙ୍କ ଡାଇବେଟିସ୍ ବଢ଼ିଯିବା କାରଣରୁ ଡାକ୍ତରଖାନାକୁ ଆସି ଡାକ୍ତରଙ୍କ ପରାମର୍ଶ ନ ପାଇ ହୀନସ୍ତା ହୋଇଥିଲେ। ଏ ନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁପ୍ରଭା ସାହୁ କହିଛନ୍ତି, ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଡାକ୍ତର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ଛାଡ଼ି ଦେଲେ ଅନ୍ୟସବୁ ସ୍ୱାସ୍ଥ୍ୟସେବା ବନ୍ଦ ରହିବ ବୋଲି ସେ କହିଥିଲେ।

# ଦୁର୍ଘଟଣାରେ ବର୍ତ୍ତିଲେ ଯାତ୍ରୀ

**ଗୋପାଳପୁର, ୧୭।୬**

୧୬ନଂ. ଜାତୀୟ ରାଜପଥ କନିଷି ହାଟ ନିକଟରେ ସୋମବାର ଏକ ହାଇୱା ଧକ୍କାରେ ଅଟୋ ଚାଳକ ସମେତ ୪ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସକାଳ ପ୍ରାୟ ୯.୪୦ରେ ଜରଡ଼ ଅଞ୍ଚଳର ଡି. ଚନ୍ଦ୍ର ଆଚାରୀ ନିଜ ଝିଆରୀ, ଜ୍ୱାଇଁଙ୍କୁ ଧରି ପୁରୁଷୋତ୍ତମପୁରରୁ ଅଟୋ ଯୋଗେ ଜରଡ଼ ଯାଉଥିବା ବେଳେ କନିଷି ହାଟ ନିକଟରେ ଏକ ହାଇୱା ଅଟୋ ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋକୁ ୫୦ ମିଟର ଦୂର ଯାଏ ହାଇୱା ଠେଲି ନେଇ ଯାଇଥିଲା। ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଛି।

# ଦେଶୀ ମଦ ଜବତ, ଜଣେ କୋର୍ଟଚାଲାଣ

**ଗୋପାଳପୁର, ୧୭।୬**

ଗୋଳନ୍ଥରା ଥାନା ପୋଲିସ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସୁନିଲ କୁମାର ସାହୁ। ଏ ନେଇ ନଂ. ୧୫୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। କିଛି ମାସ ହେଲା ସୁନିଲ ଗୋଳନ୍ଥରା ଥାନା ସୋରଳ ଜଙ୍କ୍‌ଶନ ନିକଟରେ ଚୋରା ମଦ ବିକ୍ରି କରୁଥିଲେ। ଖବର ପାଇ ସୋମବାର ପୋଲିସ ସେଠାରେ ଚଢ଼ାଉ କରି ୭୦ଟି ଦେଶୀ ମଦ ପାଉଚ ଜବତ କରିବା ସହ ସୁନିଲଙ୍କୁ ଗିରଫ କରିଥିଲା।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ